ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୨ ନଭେମ୍ବର, ୨୦୨୨



## ସଂକ୍ଷେପରେ

### ୱାର୍ଡ ସଭ୍ୟାଙ୍କୁ ହତ୍ୟା ଅଭିଯୋଗ, ସ୍ୱାମୀ ଗିରଫ

ଚଣ୍ଡିଖୋଲ,୧୧।୧୧(ଡି.ଏନ.ଏ.): ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ପତରାଜପୁର ପଞ୍ଚାୟତର ୮ନଂ. ୱାର୍ଡ ସଭ୍ୟା ଝୁନି ସିଂହ(୨୭)ଙ୍କ ଗୁରୁବାର ସନ୍ଦେହଜନକ ମୃତ୍ୟୁ ହୋଇଛି। ଅନ୍ୟପକ୍ଷରେ ଏନେଇ ତାଙ୍କ ବାପଘର ଲୋକ ବାଲିଚନ୍ଦ୍ରପୁର ଥାନାରେ ହତ୍ୟା ଅଭିଯୋଗ କରିଛନ୍ତି। ପୋଲିସ ଝୁନିଙ୍କ ସ୍ୱାମୀ ଗଣେଶ୍ୱର ସିଂହ ଓରଫ୍ ତପନଙ୍କୁ ଗିରଫ କରି ତଦନ୍ତ ଚଳାଇଛି। ସୂଚନା ଅନୁସାରେ, ୭ ବର୍ଷ ତଳେ ପତରାଜପୁରର ବିଷ୍ଣୁ ଚରଣ ସିଂହଙ୍କ ପୁଅ ଗଣେଶ୍ୱରଙ୍କୁ ଛତିଆ ଅଞ୍ଚଳର କେଶବ ସିଂହଙ୍କ ଭଉଣୀ ଝୁନି ବିବାହ କରିଥିଲେ। ପାରିବାରିକ ଅଶାନ୍ତିରୁ ଝୁନି ଶାଶୁ ଘରେ କେହି ନ ଥିବା ବେଳେ ଘରର କବାଟ ବନ୍ଦ କରି ଫ୍ୟାନରେ ଶାଢି ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପରିବାର ଲୋକ ଝୁନିଙ୍କୁ ଡାକିବା ପରେ କବାଟ ନ ଖୋଲିବାରୁ କବାଟ ଭାଙ୍ଗି ତାଙ୍କୁ ଉଦ୍ଧାର କରିଥିଲେ। ଏହାପରେ ନଡ଼ିଆସାହାସପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବାପ ଘର ପରିବାର ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ। ପରେ ଝୁନିଙ୍କ ଭାଇ ଥାନାରେ ଅଭିଯୋଗ କରିଥିଲେ କି ତାଙ୍କ ଭଉଣୀଙ୍କୁ ଶାଶୁଘର ଲୋକେ ତଣ୍ଟି ଚିପି ମାରି ଦେଇ ଆତ୍ମହତ୍ୟାର ରୂପ ଦେଇଛନ୍ତି। ଅଭିଯୋଗ ପରେ ବାଲିଚନ୍ଦ୍ରପୁର ଥାନାଧିକାରୀ ରମାକାନ୍ତ ମୁଦୁଲି ଦର୍ପଣ ଅତିରିକ୍ତ ତହସିଲଦାର ନିରଞ୍ଜନ ଗୁରୁଙ୍କୁ ଡକାଇ ତାଙ୍କ ଉପସ୍ଥିତିରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ଶୁକ୍ରବାର ପତରାଜପୁର ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ମୃତ ଝୁନି ଗତ ପଞ୍ଚାୟତ ନିର୍ବାଚନରେ ପତରାଜପୁର ପଞ୍ଚାୟତର ସିଂହ ସାହି ୮ନଂ. ୱାର୍ଡ ସଭ୍ୟା ଭାବେ ନିର୍ବାଚିତ ହୋଇଥିଲେ। ଝୁନିଙ୍କ ଭାଇ କେଶବଙ୍କ ଅଭିଯୋଗ ଆଧାରରେ ପୋଲିସ ଦଫା ୪୯୮(ଏ), ୩୨୩, ୩୦୪ (ବି), ୩୦୨, ୩୪ ଆଇପିସି ଓ ୪ ଡିପିଆକ୍ଟ ଅନୁଯାୟୀ ଏକ ମାମଲା ନଂ.୩୭୫/୨୨ ରୁଜୁ କରିଛି। ତେବେ ଘଟଣାର ତଦନ୍ତ ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

### ଦୁର୍ଗା ପ୍ରସାଦ ପଣ୍ଡା ପାଇଲେ ଓଜେଏସ୍

ଧର୍ମଶାଳା,୧୧।୧୧(ଡି.ଏନ.ଏ.): ଶୁକ୍ରବାର ପ୍ରକାଶ ପାଇଥିବା ଓଡ଼ିଶା ଜୁଡିସିଆଲ୍ ସର୍ଭିସ(ଓଜେଏସ୍) ପରୀକ୍ଷାରେ ଧର୍ମଶାଳା ବ୍ଲକ ଅଧୀନ କାଏମା ପଞ୍ଚାୟତ ବର୍ମ୍ମ ଅଞ୍ଚଳର ଆଇନଜୀବୀ ସୁରେନ୍ଦ୍ର ପଣ୍ଡାଙ୍କ ପୁତ୍ର ଦୁର୍ଗା ପ୍ରସାଦ ପଣ୍ଡା ୧୨ତମ ର୍ୟାଙ୍କରେ ଉତ୍ତୀର୍ଣ୍ଣ ହୋଇ ସଫଳତା ହାସଲ କରିଛନ୍ତି। ସେ ପ୍ରଥମ କରି ଏହି ପରୀକ୍ଷାରେ ଭାଗ ନେଇଥିଲେ। ପଣ୍ଡା ତାଙ୍କ ସଫଳତାର ଶ୍ରେୟ ବାପା,ମା', ବଡ଼ ବାପା ତଥା ଅବସରପ୍ରାପ୍ତ ଜଜ୍ ଗୟାଧର ପଣ୍ଡା ଓ ତାଙ୍କୁ କୋଚ ଦେଇଥିବା ଶିକ୍ଷକମାନଙ୍କୁ ଦେଇଛନ୍ତି। ଅନ୍ୟପକ୍ଷରେ ଓଜେଏସ୍ ପାଇବା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

# 'ଅତୀତର ସ୍ମୃତି ଆଗକୁ ଯିବାକୁ ବାଟ କଢ଼ାଏ'

କୁଜଙ୍ଗ,୧୧।୧୧(ଡି.ଏନ୍.ଏ.)

ଏରସମା ବ୍ଲକ ଢିଙ୍କିଆ ଅନ୍ତର୍ଗତ ବଙ୍ଗୋପସାଗର ବେଳାଭୂମିରେ କାର୍ତ୍ତିକ ପୂର୍ଣ୍ଣିମାଠାରୁ ଚାଲିଥିବା ତିନିଦିନିଆ ଜଟାଧାର ବେଳାଭୂମି ବୋଇତ ବନ୍ଦାଣ ମହୋତ୍ସବ ଗୁରୁବାର ରାତିରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଜଗତ୍‌ସିଂହପୁର ଏମ୍‌ପି ଡା. ରାଜଶ୍ରୀ ମଲ୍ଲିକ୍ ଯୋଗଦେଇ ଢିଙ୍କିଆ ଚାରିଦେଶର ଏହି ମହୋତ୍ସବ ଜନସାଧାରଣଙ୍କ ଭାଇଚାରାର ନିଦର୍ଶନ। ସେ ପୂର୍ବର ସ୍ମୃତିକୁ ମନେ ପକାଇ କହିଥିଲେ, ସାଧବ ପୁଅମାନେ ଦୁଃସାହସିକତା ପ୍ରଦର୍ଶନ କରି ପାଲଟଣା ଡଙ୍ଗା ସହାୟତାରେ ସାତ ସମୁଦ୍ର ତେର ନଈ ପାର ହୋଇ ସୁଦୂର ଯାଭା, ସୁମାତ୍ରା, ବୋର୍ଣ୍ଣିଓ ଏବଂ ବାଲି ଦ୍ୱୀପକୁ ଯାଇ ବଣିଜ କର ସେଠାରୁ ବିଭିନ୍ନ ମୂଲ୍ୟବାନ୍ ରତ୍ନ ସଂଗ୍ରହ କରି ଆମ ରାଜ୍ୟକୁ ସମୃଦ୍ଧ କରିଥିଲେ। ଅତୀତର ସ୍ମୃତି ଆଗକୁ ଯିବାକୁ ବାଟ କଢ଼ାଏ। ଉତ୍କଳୀୟ ନୌବାଣିଜ୍ୟ



ମହୋତ୍ସବରେ ଯୋଗଦେଇଥିବା ମଞ୍ଚାସୀନ ଅତିଥିବୃନ୍ଦ।

**ଜଟାଧାର ବେଳାଭୂମି ବୋଇତ ବନ୍ଦାଣ ମହୋତ୍ସବ ଉଦ୍‌ଯାପିତ**

ପରମ୍ପରାକୁ ଉଜ୍ଜୀବିତ ରଖିବା ପାଇଁ ଏ ମହୋତ୍ସବ ଏକ ମାଧ୍ୟମ ବୋଲି ମଲ୍ଲିକ ପ୍ରକାଶ କରିଥିଲେ। ଢିଙ୍କିଆ ସରପଞ୍ଚ କିଶୋର କୁମାର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ସମ୍ମାନିତ ଅତିଥିଭାବେ ବିଜେଡି ରାଜ୍ୟ ସମ୍ପାଦିକା ଇତିଶ୍ରୀ ଭୂୟାଁ, ରାଜ୍ୟ ବିଜୁ ଶ୍ରମିକ ସାମ୍ମୁଖ୍ୟର ଉପସଭାପତି ଗୋଲେଖ ଚନ୍ଦ୍ର ନାୟକ, ସମ୍ପାଦକ ଶାରଦା ଜେନା, ଏରସମା ପଞ୍ଚାୟତ ସମିତି ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ଜିଲା ପରିଷଦ ସଭ୍ୟ ପୀତବାସ ଗୋଛାୟତ, ସାମାଜିକ କର୍ମୀ ଡ. ତମିଲ ପ୍ରଧାନ, ଶ୍ରମିକନେତା ନିର୍ଭୟ ସାମନ୍ତରାୟ, ଉପାଧ୍ୟକ୍ଷ ବିକାଶ ପରିଡ଼ା, ପ୍ରମୁଖ ଯୋଗଦେଇ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାର ସ୍ମୃତିଚାରଣ କରିଥିଲେ। ନାଟ୍ୟ ନିର୍ଦ୍ଦେଶକ ରଞ୍ଜନ ବର୍ଦ୍ଧନ ସ୍ୱାଗତ ଭାଷଣ ଦେଇଥିବାବେଳେ ନିତ୍ୟାନନ୍ଦ ସ୍ୱାଇଁ ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି ଅବସରରେ ମହୋତ୍ସବ କମିଟିର ଅନୁରୋଧ ରକ୍ଷାକରି ବେଳାଭୂମିର ବିକାଶ ପାଇଁ ଏମ୍‌ପି ମଲ୍ଲିକ୍ ପ୍ରତିଶ୍ରୁତି ଦେଇଥିଲେ।

# ସତର୍କ ଭାରତ ବିକଶିତ ଭାରତର ବାର୍ତ୍ତା

ପାରାଦୀପ,୧୧।୧୧(ସ୍ୱ.ପ୍ର.)

ଇଫ୍‌କୋ କମ୍ପାନୀର ପକ୍ଷରୁ ଚାଲିଥିବା ଦୁଇଦିନିଆ ଦୁର୍ନୀତି ନିବାରଣ କାର୍ଯ୍ୟକ୍ରମ ଶୁକ୍ରବାର ଶେଷ ହୋଇଯାଇଛି। ଏହି ଅବସରରେ କମ୍ପାନୀର କର୍ମଚାରୀ ଓ ସମସ୍ତ ବ୍ୟବହାରକାରୀ ସଂସ୍ଥାଗୁଡ଼ିକ ସତର୍କ ଭାରତ ବିକଶିତ ଭାରତର ବାର୍ତ୍ତା ଦିଆଯାଇଥିଲା। ଇଫ୍‌କୋର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରାକେଶ କାପୁର ଭିଡିଓ କନଫରେନ୍ସ ଯୋଗେ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିର୍ଦ୍ଦେଶକ(ମାନବସମ୍ବଳ)ଆର.ପି.ସିଂହ, ଭିଜିଲାନ୍ସ ଅଫିସର ରାଜକୁମାର ନାଗପାଲ, ଅଧ୍ୟକ୍ଷ ଦିଲ୍ଲୀପ ସାଂଘାନୀ ପ୍ରମୁଖ ଦୁର୍ନୀତି ନିର୍ବାରଣ ସମ୍ପର୍କରେ ଆଲୋଚନା କରିଥିଲେ। ଉଦଯାପନୀ କାର୍ଯ୍ୟକ୍ରମ ପାରାଦୀପ ୟୁନିଟ ପରିସରରେ ଆୟୋଜିତ ହୋଇଥିଲା। ଏଥିରେ ଏଡିଏମ କେ.ସି ଧିର, ପାରାଦୀପ ୟୁନିଟ ନିର୍ଦ୍ଦେଶକ କେ.ଜେ.ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଦୁଇଦିନ ବ୍ୟାପୀ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।



ଦୁର୍ନୀତି ନିବାରଣ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

# ଅନଶନକାରୀଙ୍କୁ ସାଲାଇନ୍ ଲଗାଇଲା ପ୍ରଶାସନ


ଅନଶନସ୍ଥଳରେ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀମାନେ ଅନଶନକାରୀଙ୍କୁ ସାଲାଇନ୍ ଲଗାଉଛନ୍ତି।

ତିର୍ତ୍ତୋଲ, ୧୧।୧୧ (ଡି.ଏନ.ଏ.)

**ସୂତାକଳ ପୁନରୁଦ୍ଧାର ପାଇଁ ଅନଶନର ପଞ୍ଚମ ଦିନ**

ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ବ୍ଲକ ନାଉସିରାସ୍ଥିତ ଶାରଳା ସମବାୟ ସୂତାକଳ ପୁନରୁଦ୍ଧାର ଦାବିରେ କଂଗ୍ରେସର ଆମରଣ ଅନଶନ ଶୁକ୍ରବାର ୫ମ ଦିନରେ ପହଞ୍ଚିଛି। ୨ ଅନଶନକାରୀ ଇଂ. ହିମାଂଶୁ ଭୂଷଣ ମଲ୍ଲିକ ଓ ସାମାଜିକ କର୍ମୀ ଯୋତି ରଞ୍ଜନ ମଲ୍ଲିକଙ୍କ ସ୍ୱାସ୍ଥ୍ୟବସ୍ଥାରେ ଅବନତି ଘଟିବାରୁ ପ୍ରଶାସନର ନିର୍ଦ୍ଦେଶରେ ଅନଶନକାରୀଙ୍କୁ ସାଲାଇନ ଲଗାଯାଇଛି। ଜଗତ୍‌ସିଂହପୁର ଅତିରିକ୍ତ ଜିଲାପାଳ ଧର୍ମେନ୍ଦ୍ର ମଲ୍ଲିକ, ତହସିଲଦାର ଅମୁଲ୍ୟ କୁମାର ସାହୁ, ଆଇଆଇସି ଯୁଗଳ କିଶୋର ଦାସ ପ୍ରମୁଖ ଧାରଣା ସ୍ଥଳରେ ପହଞ୍ଚି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଥିଲେ। ସ୍ୱାସ୍ଥ୍ୟ ଅବସ୍ଥା ବିଗୁଡୁଥିବାରୁ ଧାରଣାସ୍ଥଳରୁ ସ୍ୱାସ୍ଥ୍ୟକେନ୍ଦ୍ର ଯିବା ନିମନ୍ତେ କହିଥିଲେ। ମାତ୍ର ସେମାନେ ରାଜି ନ ହେବାରୁ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ସାଲାଇନ ଲଗାଯାଇଥିଲା। ପ୍ରଦେଶ କଂଗ୍ରେସ କାର୍ଯ୍ୟକାରୀ ସଭାପତି ତଥା ପୂର୍ବତନ ବିଧାୟକ ଚିରଞ୍ଜିବୀ ବିଶ୍ୱାଳ ଅନଶନ ସ୍ଥଳୀରେ ପହଞ୍ଚି ଉଭୟ ଅନଶନକାରୀଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ଅନଶନକୁ ସମର୍ଥନ ଜଣାଇଥିଲେ। ସରକାର ଦାବି ପୂରଣ ନ କଲେ ଏହି ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ସେ କହିଥିଲେ। ଆନ୍ଦୋଳନକୁ ଜିଲା ଓ ରାଜ୍ୟସ୍ତରକୁ ନେବା ପାଇଁ ସେ ମତବ୍ୟକ୍ତ କରିଥିଲେ।

ସନ୍ଧ୍ୟାରେ ଅନଶନକାରୀଙ୍କ ସ୍ୱାସ୍ଥ୍ୟ ନିମନ୍ତେ ଅନଶନସ୍ଥଳରେ ମା'ଶାରଳାଙ୍କ ଉଦ୍ଦେଶ୍ୟରେ ସାମୁହିକ ଦିପଦାନ କରାଯାଇଥିଲା। ଏଥିରେ ଜିଲା କଂଗ୍ରେସ ସଭାପତି ନଟବର ବାରିକ, ପିସିସି ଉପସଭାପତି ପ୍ରତିମା ମଲ୍ଲିକ, ପ୍ରଦେଶ କଂଗ୍ରେସ ସମ୍ପାଦକ ନଳିନୀ ସ୍ୱାଇଁ, ସୁପ୍ରିମକୋର୍ଟ ଆଇନୀଜୀବି ସୁଶାନ୍ତ କାନୁନଗୋ, ପିସିସି ସମ୍ପାଦକ ବିପ୍ଳବ ଚୌଧୁରୀ, ଜିଲାଯୁବ କଂଗ୍ରେସ ସଭାପତି ପ୍ରଶାନ୍ତ ମଲ୍ଲିକ, ଜିଲା କଂଗ୍ରେସ ଉପସଭାପତି ସର୍ବେଶ୍ୱର ପଣ୍ଡା, ଛାତ୍ର କଂଗ୍ରେସ ସଭାପତି ସ୍ମୃତି ରଞ୍ଜନ ଜେନା, ବିରିଡି ବ୍ଲକ କଂଗ୍ରେସ ସଭାପତି ପ୍ରିୟବ୍ରତ ମିଶ୍ର, ରଘୁନାଥପୁର ବ୍ଲକ ଉପ ସଭାପତି ଆର୍ତ୍ତତ୍ରାଣ ପଣ୍ଡା,ମାନସ ଗୋଛାୟତ, ଜିଲା କଂଗ୍ରେସ ସମ୍ପାଦକ ମନୋରଞ୍ଜନ ଜେନା, ଜିଲା ଯୁବ କଂଗ୍ରେସ ସଭାପତି ପ୍ରଶାନ୍ତ ମଲ୍ଲିକ ପ୍ରମୁଖ ଯୋଗଦେଇ ନୈତିକ ସମର୍ଥନ ଜଣାଇଥିଲେ।

### ନିଃଶୁଳ୍କ ଚକ୍ଷୁ ଚିକିତ୍ସା ଶିବିର

ରଘୁନାଥପୁର,୧୧।୧୧(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ ଏରଡଙ୍ଗା ପଞ୍ଚାୟତ କାର୍ଯ୍ୟାଳୟରେ ଗୁରୁବାର ଜଗତ୍‌ସିଂହପୁର ଭୂମିକା ଆଇ ହସ୍ପିଟାଲ ପକ୍ଷରୁ ନିଃଶୁଳ୍କ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦ ଜଣ ସେମାନଙ୍କ ଚକ୍ଷୁ ପରୀକ୍ଷା କରାଇଥିଲେ। ସେମାନଙ୍କ ମଧ୍ୟରୁ ୫ ଜଣଙ୍କ ମୋତିଆବିନ୍ଦୁ ଅପରେସନ ପାଇଁ ମୁଖ୍ୟ ହସ୍ପିଟାଲକୁ ପଠାଯାଇଛି। ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ବେହେରା, ସ୍ଥାନୀୟ ସରପଞ୍ଚ ଧର୍ମାନନ୍ଦ ସେଠି ଶିବିରରେ ଅତିଥି ଭାବେ ଯୋଗ ଦେଇଥିଲେ। ଅପରେସନ ପାଇଁ ଯାଇଥିବା ବ୍ୟକ୍ତିଙ୍କ ସମସ୍ତ ଦାୟିତ୍ୱ ହସ୍ପିଟାଲ ନେଇଛି। ଶିବିରରେ ସୃତିରଞ୍ଜନ ଗୁରୁ, ରାଜନ ନାୟକ,ତାରାକାନ୍ତ ଜେନା, ଖୋକନ ରାୟ ଓ ଅନିଲ ମହାନ୍ତିଙ୍କ ସହ ୱାର୍ଡସଭ୍ୟମାନେ ସହଯୋଗ କରିଥିଲେ।

### ଓଭରହେଡ୍ ପାଣି ଟାଙ୍କିରୁ ଖସିପଡ଼ି ଶ୍ରମିକ ଗୁରୁତର

ଧର୍ମଶାଳା,୧୧।୧୧(ଡି.ଏନ.ଏ.): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଅଭୟପୁରଠାରେ ମେଗାଜଳ ଯୋଗାଣ ପ୍ରକଳ୍ପ ପକ୍ଷରୁ ନିର୍ମାଣାଧୀନ ପାଣିଟାଙ୍କିରୁ ଖସିପଡ଼ି ଶୁକ୍ରବାର ଜଣେ ଶ୍ରମିକ ଗୁରୁତର ହୋଇଛନ୍ତି। ସେ ହେଲେ ପଶ୍ଚିମବଙ୍ଗର ରୁସ୍ତମ ଅଲ୍ଲି (୬୫)। ଅଲ୍ଲି ଓଭରହେଡ ପାଣି ଟାଙ୍କି ନିର୍ମାଣ କାମରେ ନିୟୋଜିତ ହୋଇଥିବାବେଳେ ଅସାବଧାନତା ବସତ ତଳକୁ ଖସିପଡିଥିଲେ। ଫଳରେ ତାଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିଥିଲା। ସେଠାରେ କାମ କରୁଥିବା ଶ୍ରମିକମାନେ ତାଙ୍କୁ ଉଦ୍ଧାର କରି ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

# ଯାତ୍ରୀଙ୍କ କାମରେ ଲାଗୁନି ପାନୀୟ ଜଳ ବିଶୋଧନ ଯନ୍ତ୍ର

■ ୬ ମାସ ହେବ ଅଚଳ
■ ବର୍ଷେ ତଳେ ଉଦ୍‌ଘାଟନ ହୋଇଥିଲା

ନାଉଗାଁ,୧୧।୧୧(ସ୍ୱ.ପ୍ର.)

ନାଉଗାଁ ବସଷ୍ଟାଣ୍ଡରେ ଯାତ୍ରୀ ବିଶ୍ରାମାଗାର ରହିଛି। ଏଠାରେ ଯାତ୍ରୀମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ଉକ୍ତ ଗୃହରେ ପାନୀୟ ଜଳ ବିଶୋଧନ ଓ ଶୀତଳୀକରଣ ଯନ୍ତ୍ର ଲାଗିଛି। ଏହା ୬ମାସ ହେବ ଅଚଳ ହୋଇଯାଇଥିବାରୁ ଯାତ୍ରୀମାନେ ସମସ୍ୟା ଭୋଗୁଛନ୍ତି। ପାନୀୟ ଜଳ ଯନ୍ତ୍ରଟି ରାଜ୍ୟ କାଜୁ ନିଗମ ସହାୟତାରେ ଲଗାଯାଇଛି। ଏଥିପାଇଁ ୮୬ ହଜାର ୭ ଶହ ଟଙ୍କା ବ୍ୟୟ କରାଯାଇଛି। ଏହି ପାନୀୟ ଜଳ ପ୍ରକଳ୍ପକୁ ରାଜ୍ୟ କାଜୁ ନିଗମ ଅଧ୍ୟକ୍ଷ ଅମରେନ୍ଦ୍ର ଦାସ ୨୯ ଅକ୍ଟୋବର ୨୦୨୧ରେ ଉଦ୍‌ଘାଟନ କରିଥିଲେ। ମାତ୍ର ଏହା ଏବେ ଜନସାଧାରଣ କିମ୍ବା ଯାତ୍ରୀଙ୍କ କାମରେ ଲାଗୁନି। ରକ୍ଷଣାବେକ୍ଷଣା ଅଭାବରୁ ଉକ୍ତ ପାନୀୟ ଜଳ ଯନ୍ତ୍ର ଉଦ୍‌ଘାଟନର ୨ ମାସ ପରଠୁ ଅଚଳ ହୋଇଯାଇଛି। ଫଳରେ ଦୂରଦୂରାନ୍ତରୁ ଆସୁଥିବା ଯାତ୍ରୀମାନେ ଥଣ୍ଡା ପାନୀୟ ଜଳ ପାଇଁ ଅଧିକାଂଶ ବଜାରରେ ଥିବା ଦୋକାନ ଉପରେ ନିର୍ଭର କରୁଛନ୍ତି। ଉକ୍ତ ଥଣ୍ଡା ପାନୀୟ ଜଳ ଯନ୍ତ୍ରକୁ ମରାମତି ପାଇଁ ସାଧାରଣ ଲୋକେ ପ୍ରଶାସନ ନିକଟରେ ଦାବି କରିଛନ୍ତି। ଏ ବିଷୟରେ ଗ୍ରାମ୍ୟ ଜଳ ପରିମଳ ବିଭାଗର ଯନ୍ତ୍ରୀ ରଶ୍ମି ରଞ୍ଜନ ଦାସ କହିଛନ୍ତି, ଏହି ପାନୀୟ ଜଳ ଯନ୍ତ୍ର ବିଷୟରେ ସେ କିଛି ଜାଣିନାହାନ୍ତି। ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ କାହାର ସେ ବିଷୟରେ ସ୍ଥାନୀୟ ସରପଞ୍ଚ କିମ୍ବା ଆର୍ଥିକ ସହାୟତା ପ୍ରଦାନ କରିଥିବା ସଂସ୍ଥା ସହ ଯୋଗାଯୋଗ କରି ମରାମତି କରିବା ଲାଗି ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।


ଅଚଳ ହୋଇଯାଇଥିବା ପାନୀୟଜଳ ବିଶୋଧନ ଯନ୍ତ୍ର

# ଜାନୁୟାରୀରେ ସୁଭଦ୍ରାକ୍ଷେତ୍ରରୁ ଶ୍ରୀକ୍ଷେତ୍ର ମୃଦଙ୍ଗ ଶୋଭାଯାତ୍ରା


ପ୍ରସ୍ତୁତି ବୈଠକରେ ପୂର୍ବତନ ମନ୍ତ୍ରୀ ଡା. ଦାମୋଦର ରାଉତ ଓ ଅନ୍ୟମାନେ।

କୁଜଙ୍ଗ,୧୧।୧୧(ଡି.ଏନ୍.ଏ.)

ପୌରାଣିକ କଥା ଅନୁଯାୟୀ, ୧୫୬୮ ମସିହାରେ ପୁରୀ ଶ୍ରୀମନ୍ଦିର ଉପରେ କଳାପାହାଡ଼ ଆକ୍ରମଣ କରି ଶ୍ରୀଜଗନ୍ନାଥଙ୍କୁ ଆଣି ଗଙ୍ଗାନଦୀ କୂଳରେ ପୋଡ଼ି ତାଙ୍କ ଅର୍ଦ୍ଧଦଗ୍ଧ ବ୍ରହ୍ମକୁ ନଦୀରେ ଭସାଇ ଦେଇଥିଲେ। କୁଜଙ୍ଗର ବିସର ମହାନ୍ତି ନାମକ ଜଣେ ଭକ୍ତ ସେଠାରେ ପହଞ୍ଚି ଗଙ୍ଗା ନଦୀରୁ ଅର୍ଦ୍ଧଦଗ୍ଧ ବ୍ରହ୍ମକୁ ମୃଦଙ୍ଗରେ ପୂରାଇ ଆଣି ଗଡ଼ କୁଜଙ୍ଗରେ ରଖି ପୂଜାର୍ଚ୍ଚନା କରିଥିଲେ। ଏହାର ସାତ ବର୍ଷ ପରେ ୧୫୭୫ ମସିହାରେ ପୁନର୍ବାର ବ୍ରହ୍ମକୁ ଶ୍ରୀକ୍ଷେତ୍ରକୁ ନିଆଯାଇ ଶ୍ରୀମନ୍ଦିରରେ ସ୍ଥାପନା କରାଯାଇଥିଲା। ସେହିଦିନଠାରୁ ପ୍ରଭୁ ଶ୍ରୀଜଗନ୍ନାଥ କୁଞ୍ଜ ବିହାରୀ ନାମରେ ଗଡ଼କୁଜଙ୍ଗରେ ପୂଜା ପାଇଆସୁଛନ୍ତି। ଏହା ସୁଭଦ୍ରା କ୍ଷେତ୍ର ନାମରେ ପରିଚିତ। ଜଗନ୍ନାଥଙ୍କ ପରମ ଭକ୍ତ ବିସରଙ୍କ ସ୍ମୃତି ଉଦ୍ଦେଶ୍ୟରେ ସୁଭଦ୍ରା କ୍ଷେତ୍ରରୁ ଶ୍ରୀକ୍ଷେତ୍ର ପର୍ଯ୍ୟନ୍ତ ଏକ ମୃଦଙ୍ଗ ଶୋଭାଯାତ୍ରା କରିବା ନିମନ୍ତେ ଜଗନ୍ନାଥ ଚେତନା ସୁରକ୍ଷା ଅଭିଯାନ ପକ୍ଷରୁ ଅୟରାମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ଗଡ଼ କୁଜଙ୍ଗର କୁଞ୍ଜ ବିହାରୀ ମନ୍ଦିର ପ୍ରାଙ୍ଗଣରେ ଜଗନ୍ନାଥ ଚେତନା ସୁରକ୍ଷା ଅଭିଯାନର ମୁଖ୍ୟ ଧୃତିଧର ଦାସଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଠାକୁର ରାଜା ତଥା ପୂର୍ବତନ ମନ୍ତ୍ରୀ ଡା. ଦାମୋଦର ରାଉତ, ମନ୍ଦିର ଟ୍ରଷ୍ଟ ବୋର୍ଡ ମୁଖ୍ୟ ରାଜେନ୍ଦ୍ର ବେହେରା, ଜଗନ୍ନାଥ ଉପାସକ ବିଷ୍ଣୁ ଚରଣ ପ୍ରଧାନ, ପୂର୍ବତନ ସରପଞ୍ଚ ସମ୍ପଦ ବାରିକ୍ , ସରୋଜ ନାୟକ, ଯଦୁନାଥ ଖଟୁଆ ପ୍ରମୁଖ ଯୋଗଦେଇ ମୃଦଙ୍ଗ ଶୋଭାଯାତ୍ରା ସଫଳ ନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଜାନୁୟାରୀ ପ୍ରଥମ ସପ୍ତାହରେ ମୃଦଙ୍ଗ ଶୋଭାଯାତ୍ରା କରିବାକୁ ନିଷ୍ପତ୍ତି ହୋଇଛି। ଡା. ରାଉତଙ୍କ ପ୍ରସ୍ତାବ କ୍ରମେ ଜଗତଗୁରୁ ଶଙ୍କରାଚାର୍ଯ୍ୟଙ୍କ ପରାମର୍ଶ ଅନୁଯାୟୀ, ମୃଦଙ୍ଗ ଶୋଭଯାତ୍ରାର ରୂପରେଖ ପ୍ରସ୍ତୁତ କରାଯିବ ବୋଲି ବୈଠକରେ ସ୍ଥିର ହୋଇଛି।

# ବାଲି ଟ୍ରକ୍ ଚଳାଚଳ ଯୋଗୁ ଲୋକେ ଅତିଷ୍ଠ

**ରଘୁନାଥପୁର ରଇପଡ଼ାରୁ ମେଡ଼ିକାଲ ଛକ**

■ ରାସ୍ତାରେ ଫସି ରହୁଛନ୍ତି ଯାତ୍ରୀ
■ ବାଲି ଉଡିବାରୁ ଯାତାୟାତରେ ଅସୁବିଧା
■ ବହୁ ସମୟରେ ଦୁର୍ଘଟଣା ଘଟୁଛି

ରଘୁନାଥପୁର,୧୧।୧୧(ଡି.ଏନ୍.ଏ.)

ରଘୁନାଥପୁର ତହସିଲ ଅନ୍ତର୍ଗତ ରଇପଡାଠାରୁ ମେଡିକାଲ ଛକ ପର୍ଯ୍ୟନ୍ତ ୨ କିମି ରାସ୍ତାରେ ଦୈନିକ ଶତାଧିକ ବାଲି ବୋଝେଇ ହାଇୱା ଟ୍ରକ ଚଳାଚଳ ହେଉଛି। ରାସ୍ତାର ଉଭୟ ପାର୍ଶ୍ୱରେ ଏହା ଚାଲୁଥିବାରୁ ଟ୍ରାଫିକ ସମସ୍ୟା ବଢ଼ିବାରେ ଲାଗିଛି। ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭ କରି ସାଧାରଣଜନତା ନିଜ ଗନ୍ତବ୍ୟ ପଥକୁ ଯିବା ସମୟରେ ବାଟରେ ଅଟକି ସମସ୍ୟା ଭୋଗୁଛନ୍ତି। ଏପରିକି ରୋଗୀଙ୍କୁ ନେଇ ଆସୁଥିବା ଆମ୍ବୁଲାନ୍ସ ମଧ୍ୟ ଟ୍ରାଫିକ ଜାମ ଯୋଗୁ ବାଟରେ ଫସି ରହୁଛି। ଏହି ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଦୋକାନକୁ ବାଲି ଉଡି ଲୋକଙ୍କୁ ଅତିଷ୍ଠ କରି ପକାଉଛି। ଏହାଛଡ଼ା ରାସ୍ତାରେ ବାଲି ଜମି ଯାତାୟାତରେ ଅସୁବିଧା ହେଉଛି। ଏହାସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

କଟକ ଜିଲା କିଶନନଗର ତହସିଲ ଅନ୍ତର୍ଗତ ଖେଣ୍ଟାଳ ମଙ୍ଗଦେଇପୁରସ୍ଥିତ ମହାନଦୀରୁ ବାଲି ଲୋଡ଼କରି ଟ୍ରକଗୁଡିକ ଏହି ବାଟ ଦେଇ ଆସିଥାନ୍ତି। କଟକ ପାରାଦୀପ ରାଜ୍ୟ ରାଜପଥକୁ ବାହାରିବା ପାଇଁ ଏହି ରାସ୍ତାଟି ଖୁବ କମ ବାଟ ହୋଇଥିବାରୁ ଟ୍ରକଚାଳକମାନେ ସେମାନଙ୍କ ଯାତାୟାତ ପାଇଁ ଏହି ରାସ୍ତାକୁ ବାଛି ନେଇଛନ୍ତି। ଏହା ଏକ ସଂକୀର୍ଣ୍ଣ ରାସ୍ତା ହେଇଥିବାବେଳେ ଅନେକ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଏଠାରୁ ପ୍ରାୟ ୨ କିମି ମଧ୍ୟରେ ସରକାରୀ ସ୍କୁଲ, ୨ଟି ସାପ୍ତାହିକ ହାଟ, ଅଫିସ ଓ ଦୋକାନ ବଜାର ଆଦି ରହିଛି। ଲୋକଙ୍କ ସୁରକ୍ଷା ପାଇଁ ଉକ୍ତ ରାସ୍ତାରେ ଟ୍ରକ ଚଳାଚଳକୁ ବନ୍ଦ କରିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଜିଲାପାଳଙ୍କ ନିକଟରେ ଦାବି କରାଯାଇଛି।



ରାସ୍ତାରେ ଟ୍ରକ୍ ଚଳାଚଳ ଯୋଗୁ ଟ୍ରାଫିକ୍ ଜାମ ହୋଇଛି।

## ସଂକ୍ଷେପରେ

### ନାଗାନାରାୟଣ କ୍ଲଷ୍ଟରର ୩ ଛାତ୍ରୀଛାତ୍ର ପାଇବେ ବୃତ୍ତି

ରାଜନଗର,୧୧।୧୧(ଡି.ଏନ.ଏ.): ରାଜନଗର ବ୍ଲକ ଅନ୍ତର୍ଗତ ନାଗାନାରାୟଣ କ୍ଲଷ୍ଟର ଅନ୍ତର୍ଗତ ୩ ବିଦ୍ୟାଳୟର ୩ ଛାତ୍ରୀଛାତ୍ର ବୃତ୍ତି ପରୀକ୍ଷାରେ କୃତିତ୍ୱ ହାସଲ କରିଛନ୍ତି। ସେମାନେ ହେଲେ ନାଗାନାରାୟଣ ହାଇସ୍କୁଲର ୫ମ ଶ୍ରେଣୀ ଛାତ୍ରୀ ଦେବସ୍ମିତା ସେଠୀ, ୩ୟ ଶ୍ରେଣୀ ଛାତ୍ର ଦୀପ୍ତିକାନ୍ତ ସେଠୀ ଏବଂ ରାଜେନ୍ଦ୍ର ନାରାୟଣପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୩ୟ ଶ୍ରେଣୀର ଛାତ୍ର ଶୁଭ୍ରାଂଶୁ ଶେଖର ମଣ୍ଡଳ। ବୃତ୍ତି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ଖବର ପାଇବା ପରେ ବିଦ୍ୟାଳୟରେ ଖୁସିର ଲହରି ଖେଳିଯାଇଛି। ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ, ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟାସଭ୍ୟମାନେ କୃତୀ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ଅଞ୍ଚଳର ବିକାଶରେ ଗିରିଧାରୀ ଦାସଙ୍କ ଅବଦାନ ଅତୁଳନୀୟ

ମାର୍ଶାଘାଇ, ୧୧।୧୧ (ଡି.ଏନ.ଏ.) ମାର୍ଶାଘାଇ ବ୍ଲକ ଅଞ୍ଚଳରେ ସାଂସ୍କୃତିକ, ଆଧାତ୍ମିକ ଜାଗରଣ ଓ ଶିକ୍ଷାର ପ୍ରସାର କ୍ଷେତ୍ରରେ ସ୍ୱର୍ଗତ ଗିରିଧାରୀ ଦାସ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ। ନିଜ ଗ୍ରାମ ଗରଜଙ୍ଗାରେ ମଧ ଇଂରାଜି ଓ ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠା କରି ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ କରିଥିଲେ। ଗ୍ରାମରେ ପଞ୍ଚାୟତ କାର୍ଯ୍ୟାଳୟ, ରାଜସ୍ୱ କାର୍ଯ୍ୟାଳୟ ପ୍ରତିଷ୍ଠାରେ ଅଗ୍ରଣୀ ଭୂମିକା ନେଇଥିଲେ। ସର୍ବୋପରି ସେ ଜଣେ ପ୍ରେରଣାଦାୟୀ ବ୍ୟକ୍ତିତ୍ୱଥିଲେ। ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ସହ କାମ କରି ଅଞ୍ଚଳର ଗମନାଗମନ ବ୍ୟବସ୍ଥାକୁ ସୁଗମ କରିଥିଲେ ବୋଲି ତାଙ୍କ ପଞ୍ଚଦଶ ଦିବସ ଉପଲକ୍ଷେ ଆୟୋଜିତ ସ୍ମୃତି ସଭାରେ ଯୋଗଦେଇ ବକ୍ତାମାନେ ମତ ପ୍ରକାଶ କରିଥିଲେ। ଗରଜଙ୍ଗା ଗ୍ରାମର ଗିରିଧାରୀଙ୍କ ପଞ୍ଚଦଶ ଦିବସ ଉପଲକ୍ଷେ ତାଙ୍କ ବାସଭବନରେ ଏକ ସ୍ମୃତି ସଭା କୈଳାସ ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଗୁରୁବାର ହୋଇଥିଲା। ଏଥିରେ ପଣ୍ଡିତ ହୃଷୀକେଶ ରଥ, ସର୍ବଭାରତୀୟ ଯାଦବ ମହାସଭାର ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ଦାସ, ଗଣେଶ ଚନ୍ଦ୍ର ସାମଲ, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ରବି ସାମଲ, ଗଙ୍ଗାଧର ପରିଡା, ଜିଲାପରିଷଦ ସଭ୍ୟ ପ୍ରତାପ ମଲ୍ଲିକ, ଲାଲା ସ୍ୱାଇଁ, ପୂର୍ବତନ ସରପଞ୍ଚ ତ୍ରୈଲୋକ୍ୟନାଥ ବେଉରା, ନାଟ୍ୟକାର ମଳୟ ରାଉତ, ଦୀପକ ରଥ, ସରେଜକାନ୍ତ ନାୟକ, ରାମକୃଷ୍ଣ ଦାସ, ଉଷାରାଣୀ ଦାସ, ରେବତୀ ଜେନା ପ୍ରମୁଖ ଯୋଗ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସେମାନେ ସ୍ୱର୍ଗତ ଗିରିଧାରୀଙ୍କ ବହୁମୁଖୀ ପ୍ରତିଭାକୁ ସେମାନେ ପ୍ରସଂଶା କରିଥିଲେ। ଭଗବାନ ବାରିକ ମଞ୍ଚ ପରିଚାଳନା କରିଥିବା ବେଳେ ପୁତ୍ର ରଶ୍ମିରଞ୍ଜନ ଓ ସୌମ୍ୟରଞ୍ଜନ ଉପସ୍ଥିତ ଥିଲେ।

# ବୁଡ଼ିଥିବା ଜାହାଜ ଯୋଗୁ ହେଉଛି ବୋଟ୍ ଦୁର୍ଘଟଣା

ମହାକାଳପଡ଼ା,୧୧।୧୧(ଡି.ଏନ.ଏ.)


ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ନିଷିଦ୍ଧାଞ୍ଚଳର ହୁକିଟୋଲା ମୁହାଣ ମାଦଳିଠାରେ ବୁଡ଼ିଥିବା ଜାହାଜର ଭଗ୍ନାବଶେଷ ଦୃଶ୍ୟମାନ।

- ୧୫୬ବର୍ଷ ହେଲା ବୁଡ଼ିରହିଛି ଫରାସୀ ପଣ୍ୟବାହୀ ଜାହାଜ ଭେଲଦା
- ହୁକିଟୋଲା ମୁହାଣକୁ ହେଉଛି ଦୃଶ୍ୟମାନ
- ଉଦ୍ଧାର, ସଂରକ୍ଷଣ ପାଇଁ ଦାବି

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳର ହୁକିଟୋଲା ମୁହାଣ ମୁହଁର ଅନତି ଦୂରରେ ମାଦଳି ନିକଟରେ ଫରାସୀର ଏକ ପଣ୍ୟବାହୀ ଜାହାଜ ଭେଲଦା ୧୮୬୬/୬୭ ମସିହାରେ ବୁଡି ଯାଇଥିଲା। ଏହି ସମୟରେ ଓଡ଼ିଶାରେ ନଅଙ୍କ ଦୁର୍ଭିକ୍ଷ ପଡ଼ିଥିବାରୁ ପ୍ରପୀଡିତଙ୍କ ପାଇଁ ସମୁଦ୍ର ପଥରେ ଜାହାଜରେ ଖାଦ୍ୟ ଶସ୍ୟ ଯଥା-ଚାଉଳ, ଗହମ, ତୈଳ, ନଡିଆ, ଗୁଡ଼, ଚୁଡ଼ା ଆଦି ବୋଝେଇ ହୋଇ ଆସିଥିଲା। ଏହି ଖାଦ୍ୟ ସାମଗ୍ରୀ ଜମ୍ବୁ ଦ୍ୱୀପରୁ ଓଡ଼ିଶାର ବିଭିନ୍ନ ପ୍ରାନ୍ତରକୁ ଜଳପଥରେ ପରିବହନ କରାଯାଇଥାନ୍ତା। ମାତ୍ର ଦୁର୍ଭାଗ୍ୟବଶତଃ ସମୁଦ୍ର ଅଥଳ ଜଳ ରାଶିରେ ଭାରସାମ୍ୟ ହରାଇ ଜାହାଜଟି ଉକ୍ତ ସ୍ଥାନରେ ବୁଡି ଯାଇଥିଲା ବୋଲି ସ୍ଥାନୀୟ ଲୋକଙ୍କ ପାଖରୁ ଶୁଣିବାକୁ ମିଳେ। ଉକ୍ତ ଜାହାଜ ବୁଡିବାର ୧୫୬ବର୍ଷ ବିତିଯାଇଥିଲେ ମଧ ଏବେ ମଙ୍ଗ ଦୃଶ୍ୟମାନ ହେଉଛି ବୋଲି ହୁକିଟୋଲାକୁ ଆସୁଥିବା ପର୍ଯ୍ୟଟକ ଓ ସ୍ଥାନୀୟ ମତ୍ସ୍ୟଜୀବୀମାନେ କହିଛନ୍ତି। ଏହି ଜଳପଥ ଦେଇ ମତ୍ସ୍ୟଜୀବୀମାନେ ବିଳମ୍ବିତ ରାତିରେ ପଥଭ୍ରଷ୍ଟ ହୋଇ ଭଗ୍ନ ଜାହାଜ ମଙ୍ଗରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିବା ନଜୀର ରହିଛି ବୋଲି ସ୍ଥାନୀୟ ଜମ୍ବୁ, ଚୁବି ଓ କଜଳପାତିଆ ଅଞ୍ଚଳର ମତ୍ସ୍ୟଜୀବୀମାନେ କହିଛନ୍ତି। ସ୍ଥାନୀୟ ପାରମ୍ପରିକ ମତ୍ସ୍ୟଜୀବୀ ଓ ପର୍ଯ୍ୟଟକଙ୍କ ସୁରକ୍ଷା ଦୃଷ୍ଟିକୁ ଲକ୍ଷ୍ୟ କରି ସରକାର ବୁଡିଯାଇଥିବା ଜାହାଜଟିକୁ ଉଦ୍ଧାର କରିବା ଆବଶ୍ୟକ ହୋଇପଡିଥିବା ସାମାଜିକ କର୍ମୀ ସୁବାସ ଚନ୍ଦ୍ର ସ୍ୱାଇଁ, ଲକ୍ଷ୍ମୀଧର ସ୍ୱାଇଁ, ବିରଞ୍ଚି ନାରାୟଣ ଦାସ, ନାଥ କୁମାର ଭୋଳ ପ୍ରମୁଖ କହିଛନ୍ତି।

ସୂଚନାଯୋଗ୍ୟ, ୨୦୧୧-୧୨ ମସିହାରେ ବୁଡି ଯାଇଥିବା ଜାହାଜର ସବିଶେଷ ତଥ୍ୟ ଓ ଫଟୋ ଉତ୍ତୋଳନ ପାଇଁ ଜାତୀୟ ସାମୁଦ୍ରିକ ବୁଡାଳି ସବୀର ବକ୍ସ ନିଷିଦ୍ଧାଞ୍ଚଳରେ ବନ ବିଭାଗର ବିନା ଅନୁମତିରେ ପ୍ରବେଶ କରି ବୁଡ଼ି ଫଟୋ ଉତ୍ତୋଳନ କରୁଥିଲେ। ଏହି ଖବରପାଇ ତତ୍କାଳୀନ ରେଞ୍ଜ ଅଧିକାରୀ ମିହିର ପଟ୍ଟନାୟକ ଘଟଣାସ୍ଥଳରେ ପହଞ୍ଚି ସାମୁଦ୍ରିକ ବୁଡାଳି ବକ୍ସଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ଏବେ ୧୫୬ବର୍ଷ ହେଲା ସମୁଦ୍ର ମଧ୍ୟରେ ବୁଡ଼ି ରହିଥିବା ଫରାସୀ ଜାହାଜ ଉଦ୍ଧାର କରିବାକୁ ଦାବି ହେଉଛି। ସ୍ଥାନୀୟ ଅଞ୍ଚଳର ପାରମ୍ପରିକ ମତ୍ସ୍ୟଜୀବୀ ଡଙ୍ଗା ଓ ବୋଟ ନେଇଗଲା ବେଳେ ସମୁଦ୍ର ମଧ୍ୟରେ କେତେବେଳେ ଯେ ଦୁର୍ଘଟଣାଗ୍ରସ୍ତ ହେବେ ଏହାକୁ ଏଡାଇ ଦିଆଯାଇ ନ ପାରେ। ସ୍ଥାନୀୟ ପ୍ରଶାସନର ଆନ୍ତରିକତା ଓ ଦୂରଦୃଷ୍ଟିର ଅଭାବକୁ ବୁଦ୍ଧିଜୀବୀ, ପାରମ୍ପରିକ ମତ୍ସ୍ୟଜୀବୀ, ପରିବେଶବିତ୍ ଓ ସାମାଜିକ କର୍ମୀମାନେ ଦାୟୀ କରିଛନ୍ତି। ଜାହାଜ ବୁଡିଥିବା ସମୁଦ୍ର ପଥର ଶହେ ମିଟର ପରିଧି ମଧରେ ସୁରକ୍ଷା ବଳୟକୁ ଦୃଷ୍ଟିରେ ରଖି ଉକ୍ତ ଅଞ୍ଚଳରେ ସୀମା ସଙ୍କେତ (ବଇଁଆ) ଲଗାଯାଉ। ଉକ୍ତ ଜାହାଜର ଭଗ୍ନାବଶେଷକୁ ଉଦ୍ଧାର କରି ହୁକିଟୋଲା ପର୍ଯ୍ୟଟନସ୍ଥଳରେ ସଂରକ୍ଷିତ ରଖାଗଲେ ସାଧାରଣ ଲୋକ ଓ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବ। ଏ ସମ୍ପର୍କରେ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ରେଞ୍ଜ ଅଧିକାରୀ ମାନସ କୁମାର ଦାସଙ୍କୁ ପଚାରିବାରେ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ନିଷିଦ୍ଧାଞ୍ଚଳରେ ବୁଡ଼ିଥିବା ଜାହାଜର ଖବର ଆମ ନିକଟରେ ଅଛି। ୨୦୧୧-୧୨ରେ ଏହି ସ୍ଥାନରେ ସମୁଦ୍ର ବୁଡାଳି ସବୀର ବକ୍ସ ବେଆଇନ ପ୍ରବେଶ କରିଥିବାରୁ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସ୍ଥାନୀୟ ପାରମ୍ପରିକ ମତ୍ସ୍ୟଜୀବୀମାନଙ୍କୁ ଉକ୍ତ ସମୁଦ୍ର ପଥ ଦେଇ ଯାତାୟାତ କରିବାକୁ ବାରଣ କରାଯାଇଛି ବୋଲି ସେ କହିଛନ୍ତି।

## ପେଣ୍ଠ ବେଳାଭୂମିକୁ ଗ୍ରୀନ୍ ବିଚ୍ କରିବାକୁ ନିଷ୍ପତ୍ତି



ପଞ୍ଚାୟତ ସମିତି ବୈଠକରେ ଉପସ୍ଥିତ ନିର୍ବାଚିତ ପ୍ରତିନିଧି, ବିଧାୟକ ଓ ଅନ୍ୟମାନେ।

ରାଜନଗର,୧୧।୧୧(ଡି.ଏନ.ଏ.)

**ରାଜନଗର ପଞ୍ଚାୟତ ସମିତିର ୨ୟ ସାଧାରଣ ବୈଠକ**

ରାଜନଗର ପଞ୍ଚାୟତ ସମିତିର ପ୍ରଥମ ସାଧାରଣ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧକ୍ଷା ପ୍ରତିଭା ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ପର୍ଯ୍ୟଟନ ଶିଳ୍ପର ବିକାଶ ସହ ଐତିହାସିକ ପେଣ୍ଠ ବେଳାଭୂମିକୁ ଗ୍ରୀନ୍‌ବିଚରେ ପରିଣତ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଡିସେମ୍ବର ୧ ରୁ ପେଣ୍ଠ ବେଳାଭୂମିରେ ଇକୋ ରିଟ୍ରିଟ ଆରମ୍ଭ ହେବାକୁ ଯାଉଛି। ଦେଶ ବିଦେଶର ପର୍ଯ୍ୟଟକମାନଙ୍କୁ ଅଧିକ ଆକର୍ଷିତ କରିବାକୁ ପେଣ୍ଠ ବେଳାଭୂମିକୁ ସଫେଇ କରାଯିବା ସହ ସିମେଣ୍ଟ ବେଞ୍ଚ ଓ ଚେୟାର, ବିଶୁଦ୍ଧ ପାନୀୟଜଳ ଯୋଗାଣ, ଉଜ୍ଜ୍ୱଳ ଆଲୋକର ବ୍ୟବସ୍ଥା କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ରାଜନଗରର ୨୯ଟି ପଞ୍ଚାୟତର ନବନିର୍ବାଚିତ ଜନପ୍ରତିନିଧି, ବ୍ଲକ, ତହସିଲର ସମସ୍ତ କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ନେଇ ଖୁବ୍‌ଶୀଘ୍ର ବେଳାଭୂମି ସଫେଇ କରାଯିବ। ଏହାଦ୍ୱାରା ସ୍ଥାନୀୟ ଓ ଆଗନ୍ତୁକ ପର୍ଯ୍ୟଟକ ପେଣ୍ଠ ବେଳାଭୂମିରେ ପରିଭ୍ରମଣ କରିବା ଏବଂ ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବାକୁ ଏହି ଗ୍ରୀନ୍ ବିଚ ସହାୟକ ହେବ ବୋଲି ଏଥିରେ ଯୋଗଦେଇ ବିଧାୟକ ଧ୍ରୁବ ସାହୁ ପ୍ରକାଶ କରିଛନ୍ତି। ଏହାଛଡା ପାନୀୟଜଳ ସମସ୍ୟା, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ଏଥିରେ କେନ୍ଦ୍ରାପଡ଼ା ଜିଲା ପରିଷଦ ଉପାଧକ୍ଷ ଅଶୋକ କୁମାର ପ୍ରତିହାରୀ, ୩୦ ନଂ. ଜୋନ ଜିଲାପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, ୩୨ ନଂ. ଜିଲାପରିଷଦ ସଭ୍ୟା ଖୁକୁମିନା କୁଅଁରଙ୍କ ସମେତ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ରଶ୍ମୀ ରଞ୍ଜନ ମହାନ୍ତି, ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ, ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜଲକ୍ଷ୍ମୀ ସାହୁ, ସହକାରୀ ଯନ୍ତ୍ରୀ ଜଳଧର ବେହେରା, ଜିପିଇଓ ଧର୍ମାନନ୍ଦ ଦାଶଙ୍କ ସମେତ ସମସ୍ତ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ଏବଂ ୨୯ଟି ପଞ୍ଚାୟତ ସମିତିସଭ୍ୟ ଓ ସରପଞ୍ଚମାନେ ଉପସ୍ଥିତ ଥିଲେ।

## ବାପା, ମା'ଙ୍କୁ ମାଡ଼ ମାରି ଜେଲ ଗଲେ ପୁଅ

ପାଣିକୋଇଲି,୧୧।୧୧(ଡି.ଏନ.ଏ.):

ପାଣିକୋଇଲି ପୋଲିସ ବାପା' ଓ ମା'ଙ୍କୁ ମରଣାନ୍ତକ ଆକ୍ରମଣ ମାମଲାରେ ପୁଅଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ରଗଡିସ୍ଥିତ ଯାଜପୁରରୋଡ ଉପକାରଗାରକୁ ପଠାଇ ଦିଆଯାଇଛି। ସେ ହେଲେ ପାଣିକୋଇଲି ଥାନା ତଥା ଶଙ୍ଖଚିଲା ଫାଣ୍ଡି ଅନ୍ତର୍ଗତ ତଣ୍ଡରା ଗ୍ରାମର କାହ୍ନୁଚରଣ କରଙ୍କ ପୁଅ ବାମଦେବ(୪୫)। ଅକ୍ଟୋବର ୩୦ ତାରିଖ ତାରିଖରେ ବାମଦେବ ତାଙ୍କ ବାପା ଓ ମା'ଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏନେଇ କାହ୍ନୁ ପାଣିକୋଇଲି ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ନଂ.୨୫୧/୨୨ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୋଗ ମୁତାବକ, ବାମଦେବ ଏକ ଟାଙ୍ଗିଆରେ ତାଙ୍କ ବାପା ଓ ମା'ଙ୍କୁ ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିଲେ। ସେମାନଙ୍କ ଶରୀରରେ ବିଭିନ୍ନ ସ୍ଥାନରେ କ୍ଷତ ହୋଇଥିଲା। ତେବେ ଗାଁ ଲୋକ ପହଞ୍ଚି ଯିବାରୁ ସ୍ୱାମୀସ୍ତ୍ରୀ ବର୍ତ୍ତି ଯାଇଥିଲେ।

## ଅଜଗର ଉଦ୍ଧାର

ଚଣ୍ଡିଖୋଲ,୧୧।୧୧(ଡି.ଏନ୍.ଏ.):

ଚଣ୍ଡିଖୋଲ ବନାଞ୍ଚଳ ଅଧୀନ ସୁଙ୍ଗୁଡ଼ା ପଞ୍ଚାୟତର ହାଇଲେଭଲ କେନାଲ ନିକଟରୁ ଶୁକ୍ରବାର ଅଜଗର ସାପ ଉଦ୍ଧାର ହୋଇଛି। ଲୋକେ ସାପକୁ ଦେଖି ବନ ବିଭାଗକୁ ଖବର ଦେଇଥିଲେ। ବନପାଳ ଶଶିକାନ୍ତ ବେହେରାଙ୍କ ନେତୃତ୍ୱରେ କର୍ମଚାରୀ ସାପଟିକୁ ଧରି ମହାବିନାୟକ ଜଙ୍ଗଲରେ ଛାଡି ଦେଇଛନ୍ତି।

## ନିଆଁ ଲାଗି ଜଳିଗଲା ୩ ବଖରା


ନିଆଁ ଲାଗି ପୋଡି ଯାଉଥିବା ଘର।

ରାଜକନିକା, ୧୧।୧୧(ଡି.ଏନ.ଏ.)

ରାଜକନିକା ପଞ୍ଚାୟତ ସମିତିର ବରାଡିଆ ପଞ୍ଚାୟତର ବାଙ୍ଗରକୂଆଁ ଗାଁର ରମାକାନ୍ତ ମାଝିଙ୍କ ରୋଷେଇ ଘର ସମେତ ୨ ବଖରା ଘର ନିଆଁ ଲାଗି ସମ୍ପୂର୍ଣ୍ଣ ପୋଡ଼ି ପାଉଁଶ ହୋଇଯାଇଛି। ନିଆଁ ଲାଗିବାର କାରଣ ଅସ୍ପଷ୍ଟ ଥିବାବେଳେ, ବିଦ୍ୟୁତ୍ ଶର୍ଟସର୍କିଟ୍ କାରଣରୁ ହୋଇଥିବା ଆଶଙ୍କା କରାଯାଉଛି। ତେବେ ରାଜକନିକା ଅଗ୍ନିଶମ ବାହିନୀ ଓ ଗ୍ରାମବାସୀଙ୍କ ନିଆଁକୁ ଆୟତ କରିଥିଲେ। ଗୁହଳେ ଥିବା ଗୋରୁ ଓ କୁକୁଡ଼ା ଜୀବନ୍ତ ଦଗ୍ଧ ହୋଇଥିବା କୁହାଯାଉଛି। ରମାକାନ୍ତ ଜଣେ ସାଧାରଣ ଲୋକ ହୋଇଥିବାରୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ବ୍ଲକସ୍ତରୀୟ ନୃତ୍ୟ ପ୍ରତିଯୋଗିତା

ରାଜନଗର,୧୧।୧୧(ଡି.ଏନ.ଏ.)

ରାଜନଗର ବ୍ଲକରେ ଡିଜେ ଭାଇରସ କ୍ଲବ ଆନୁକୂଲ୍ୟରେ ୩ ଦିନବ୍ୟାପୀ ଅନୁଷ୍ଠିତ କାର୍ତ୍ତିକେଶ୍ୱର ପୂଜା ଏବଂ ବ୍ଲକସ୍ତରୀୟ ନୃତ୍ୟ ପ୍ରତିଯୋଗିତା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠାନର ସଦସ୍ୟ ଦେବଦତ୍ତ ସେଠୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜନଗର ସରପଞ୍ଚ ସୁଶ୍ରୀ ସଙ୍ଗୀତା ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଜନଗର ସମିତିସଭ୍ୟା ସୁମିତ୍ରା ସେଠୀ, ମୁଖ୍ୟବକ୍ତା ଭାବେ ବରିଷ୍ଠ ପତ୍ରକାର ଭାସ୍କର ରାଉତରାୟ, ଖବରଦାତା ଜଗନ୍ନାଥ ଦାସ, ଅଧାପକ ସଞ୍ଜୟ କୁମାର ବାଗ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଏହି ନୃତ୍ୟ ପ୍ରତିଯୋଗିତାରେ ପ୍ରିୟଙ୍କା ବାରିକ ପ୍ରଥମ, ସିପ୍ରା ସେଠୀ ଦ୍ୱିତୀୟ ଏବଂ ଯାଜ୍ଞସେନୀ ସେଠୀ ୩ୟ ସ୍ଥାନ ଅଧିକାର କରିଥିଲେ। ଏହାକୁ କ୍ଲବର ସଦସ୍ୟ ବିକାଶ ସେଠୀ, ଜୀବନ ସେଠୀ, ମଣ୍ଟୁ ସେଠୀ, ସୁଚିକାନ୍ତ ସେଠୀ, ସୁଶାନ୍ତ ସେଠୀ ପ୍ରମୁଖ ପରିଚାଳନା କରିଥିଲେ।



ଅତିଥିଙ୍କ ଗହଣରେ ନୃତ୍ୟରେ ସାମିଲ ହୋଇଥିବା ପ୍ରତିଯୋଗୀମାନେ।

# ମରଣଯନ୍ତା ପାଲଟିଛି ପଟ୍ଟାମୁଣ୍ଡାଇ ଫୁଟ୍‌ପାଥ୍

ପଟ୍ଟାମୁଣ୍ଡାଇ, ୧୧।୧୧(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ପୂର୍ତ୍ତ ବିଭାଗ ସବ୍‌ଡିଭିଜନ ଅଧୀନରେ ଥିବା ରାସ୍ତାଗୁଡିକର ନିର୍ମାଣ ଓ ମରାମତି ପାଇଁ ଅର୍ଥ ଖର୍ଚ୍ଚ ହେଉଛି। କିନ୍ତୁ ପଟ୍ଟାମୁଣ୍ଡାଇ ବଜାର ରାସ୍ତା ବାଇପାସଠାରୁ ଡାକବଙ୍ଗଳା ପର୍ଯ୍ୟନ୍ତ ଫୁଟ୍‌ପାଥ ରାସ୍ତା ମରଣଯନ୍ତା ପାଲଟିଛି। ଏହି ରାସ୍ତାକୁ ପୁନଃ ନିର୍ମାଣ ପାଇଁ କଂଗ୍ରେସ ନଗର ସଭାପତି ଅମୂଲ୍ୟ ପ୍ରଧାନ ଦାବି କରିଛନ୍ତି। ସେ କହିଛନ୍ତି ପଟ୍ଟାମୁଣ୍ଡାଇ ନୂଆ ବାଇପାସ୍ ଛକଠାରୁ ଡାକବଙ୍ଗଳା (ମେଡିକାଲ) ଛକ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ସହ ଉଭୟପାର୍ଶ୍ୱରେ ଫେବର ବ୍ରିକ୍ସ ବିଛା କାର୍ଯ୍ୟ ମାତ୍ର ୬ ମାସ ତଳେ ସରିଥିଲା। ଏବେ ସେଗୁଡିକ ଦବିଯିବା ସହ ଅନେକ ସ୍ଥାନରେ ଭାଙ୍ଗିରୁଜି ଯାଇଛି। ଖାଲି ସେତିକି ନୁହେଁ ଫେବର ବ୍ରିକ୍ସଗୁଡିକୁ ଧରି ରଖିବାକୁ ଦୁଇପାର୍ଶ୍ୱରେ ନିର୍ମାଣ କରାଯାଇଥିବା ପ୍ରୋଟେକଶନ ୱାଲ ବହୁ ସ୍ଥାନରେ ଦବି ଯିବା ସହ ଭାଙ୍ଗି ଯାଇଥିବା ଦେଖିବାକୁ ମିଳିଛି। ରାସ୍ତାପାର୍ଶ୍ୱରେ ବିଛା ଯାଇଥିବା ଫେବର ବ୍ରିକ୍ସଗୁଡିକ ଢଳେଇ କଂକ୍ରିଟ ରାସ୍ତାଠାରୁ ନିମ୍ନରେ ଥିବାରୁ ସେଥିରେ ପାଣି ଜମି ରହୁଛି। ଫଳରେ ରାସ୍ତାର ଉଭୟପାର୍ଶ୍ୱରେ ଥିବା ବ୍ୟବସାୟ ପ୍ରତିଷ୍ଠାନଗୁଡିକୁ ଲୋକମାନେ ଯିବାଆସିବା ପାଇଁ ଅସୁବିଧାରେ ପଡୁଛନ୍ତି। ଏହି ରାସ୍ତାରେ ହୋଇଥିବା ବ୍ୟାପକ ଅନିୟମିତତାର ତଦନ୍ତ କରାଯିବାକୁ ସେ ଦାବି କରିଛନ୍ତି। ପ୍ରକାଶଥାଉ କି ପୂର୍ତ୍ତ ବିଭାଗ ଅଧୀନରେ ଥିବା ଏହି ରାସ୍ତାର ମରାମତି ପାଇଁ ୫ ବର୍ଷ ସମୟ ଥିବା ବେଳେ ଏହା କରାଯାଉନାହିଁ। ଫଳରେ ଅଧିକରୁ ଅଧିକ ଖରାପ ହେବାକୁ ବସିଛି। ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ଅଶୋକ ଜେନାଙ୍କୁ ପଚାରିବାରେ ଏହି ଫୁଟ୍‌ପାଥ ରାସ୍ତାର ଗ୍ୟାରେଣ୍ଟି ଅଛି ଏହାର କାମ କରାଯିବ ବୋଲି ସେ କହିଛନ୍ତି।


ଫୁଟପାଥ୍‌ରେ ପଡିଥିବା ଫେବର ବ୍ରିକ୍ସଗୁଡିକ ଖସି ଯାଇଛି।

**୬ ମାସରେ ଭାଙ୍ଗିଗଲା**

# ସଂରକ୍ଷଣ ବ୍ୟବସ୍ଥା ନ ଥିବାରୁ ପନିପରିବା ନଷ୍ଟ

- ପ୍ରୋତ୍ସାହନ ସତ୍ତ୍ୱେ ଶୀତଳଭଣ୍ଡାର ନାହିଁ
- ଭରଣା କରି ହେବନି ବିଦ୍ୟୁତ୍ ଦେୟ
- ଖାଇବାକୁ ପଡୁଛି ପଡ଼ୋଶୀ ରାଜ୍ୟ ବିଷାକ୍ତ ଖାଦ୍ୟ

**କେନ୍ଦ୍ରାପଡ଼ା ଅଫିସ, ୧୧।୧୧**

କୃଷିଭିତ୍ତିକ କେନ୍ଦ୍ରାପଡ଼ା ଜିଲାରେ ଶୀତଳଭଣ୍ଡାର ନାହିଁ। ସଂରକ୍ଷଣ ବ୍ୟବସ୍ଥା ନ ଥିବାରୁ ଜିଲାରେ ଆଳୁ ମିଶନ ଫେଲ ମାରିଛି। ସେହିପରି ପନିପରିବା ଜିଲାରେ ଚାଷ ହେଉଥିଲେ ମଧ୍ୟ ବର୍ଷର ଅଧିକାଂଶ ସମୟ ବାହାର ରାଜ୍ୟର ବିଷାକ୍ତ ପନିପରିବା ଖାଇବାକୁ ପଡୁଛି। ବେସରକାରୀ ଶୀତଳଭଣ୍ଡାର ନିର୍ମାଣ ପାଇଁ ସରକାରୀ ପ୍ରୋତ୍ସାହନ ସତ୍ତ୍ୱେ ଅତ୍ୟଧିକ ବିଦ୍ୟୁତ୍ ଦେୟର ଭରଣା କରିବା ଯୁବ ଉଦ୍ୟୋଗୀ ଓ ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

ଏ ସମ୍ପର୍କରେ ଯୁବ ଉଦ୍ୟୋଗୀ ସ୍ୱରାଜ ସାମଲ, ବୁଦ୍ଧିଜୀବୀ ଆଶିଷ କୁମାର ସେନାପତି, ରାଧାକାନ୍ତ ମହାନ୍ତି, ପ୍ରଶାନ୍ତ କୁମାର ନାୟକ, ରାଜେଶ କୁମାର ବେହେରା ପ୍ରମୁଖ କହିଛନ୍ତି, କୃଷି ଅର୍ଥନୀତିର ପରିଚାଳନା ପାଇଁ ଶୀତଳ ଭଣ୍ଡାରର ଭୂମିକା ଗୁରୁତ୍ୱପୂର୍ଣ୍ଣ। ମାତ୍ର ବିଡମ୍ବନା ଯେ, ରାଜ୍ୟର ୩୧୪ ବ୍ଲକରେ ୧୨୯ଟି ଶୀତଳଭଣ୍ଡାର ଥିବା ବେଳେ ମାତ୍ର ୪୯ଟି କାର୍ଯ୍ୟକ୍ଷମ, ଯାହା ରାଜ୍ୟର କୃଷି ଅର୍ଥନୀତିକୁ ପ୍ରଭାବିତ କରିଛି। କେନ୍ଦ୍ରାପଡା ଜିଲାରେ ୧୯୮୫ ମସିହାରେ ଶ୍ୟାମସୁନ୍ଦରପୁରଠାରେ ଶିଳ୍ପପତି ରବି ସାହୁ ବ୍ୟାଙ୍କରୁ ଋଣ ଆଣି ଶୀତଳଭଣ୍ଡାର ନିର୍ମାଣ କରିଥିଲେ। ପ୍ରାୟ ୧୫ ବର୍ଷ ଚାଲିବା ପରେ ବିଦ୍ୟୁତ୍ ଦେୟ ପାଇଁ ୨୦ ବର୍ଷ ହେବ ଅଚଳ ହୋଇପଡିଛି। ଏହି ଶୀତଳଭଣ୍ଡାର ପାଇଁ ଜିଲାରେ ଆଳୁ ଚାଷ ବଢ଼ିଥିବାବେଳେ ବନ୍ଦ ପରେ ସଂରକ୍ଷଣ ଅଭାବରୁ କମି ଯାଇଛି। ସେହିପରି ଶୀତଳଭଣ୍ଡାର ନ ଥିବାରୁ ସ୍ଥାନୀୟ ଅଞ୍ଚଳର କୃଷି ଉତ୍ପାଦ ସଂରକ୍ଷଣ ହୋଇପାରୁନାହିଁ । ବର୍ଷସାରା ପନିପରିବା ବାହାର ରାଜ୍ୟରୁ ଜିଲାର ଚାହିଦା ମେଣ୍ଟାଇବା ପାଇଁ ଅଣାଯାଉଛି। ଆଳୁ, ପିଆଜ, କଦଳୀ ବିଭିନ୍ନ ପନିପରିବା ସହ ଅଣ୍ଡା ଓ ମାଛ ବାହାର ରାଜ୍ୟରୁ ଆମଦାନୀ ହେଉଛି। ଆମଦାନୀ କୃଷି ଉତ୍ପାଦ ବିଷାକ୍ତ ହୋଇଥିଲେ ମଧ୍ୟ ଗ୍ରାହକ କିଣିବାକୁ ବାଧ୍ୟ ହେଉଛନ୍ତି। ଶୀତଳଭଣ୍ଡାର ସ୍ଥାପନ ହେଲେ ଟମାଟୋ ସସ୍, ଆଳୁ ଚିପ୍ସ ପରି ଛୋଟ ଛୋଟ କୃଷି ଉଦ୍ୟୋଗ ସ୍ଥାପନ ହୋଇପାରିବ। ରାଜ୍ୟ ସରକାର ଶୀତଳଭଣ୍ଡାର ପାଇଁ ପ୍ରୋତ୍ସାହନ ରାଶି ଦେଉଥିଲେ ମଧ୍ୟ ଅତ୍ୟଧିକ ବିଦ୍ୟୁତ୍ ବିଲ୍ ଏଥିରେ ବାଧକ ସାଜିଛି। କୃଷକମାନଙ୍କ ଉତ୍ପାଦର ମୂଲ୍ୟ ମିଳିବା ପାଇଁ ଶୀତଳଭଣ୍ଡାର ଆବଶ୍ୟକ। ତେବେ ବିଦ୍ୟୁତ୍ ଦେୟରେ ପରିବର୍ତ୍ତନ ହେଲେ ଏଥିପାଇଁ ପ୍ରୋତ୍ସାହିତ କରିବ। ସେହିପରି ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସରେ ବ୍ୟାଙ୍କରୁ ଶିଳ୍ପୋଦ୍ୟୋଗୀଙ୍କୁ ଋଣ ମିଳିଲେ ଶୀତଳଭଣ୍ଡାର ସ୍ଥାପନ ସହ ଜିଲାର କୃଷି ଅଭିବୃଦ୍ଧିରେ ସହାୟକ ହେବ ବୋଲି ସେମାନେ ମତ ଦେଇଛନ୍ତି। ଏ ସମ୍ପର୍କରେ ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଦେବଦାସ ଦତ୍ତଙ୍କୁ ପଚାରିବାରେ ବେସରକାରୀ ଶିଳ୍ପୋଦ୍ୟୋଗୀଙ୍କ ଶୀତଳଭଣ୍ଡାର ନିର୍ମାଣ ପାଇଁ ୫୫ ପ୍ରତିଶତ ଅର୍ଥ ପ୍ରାୟ ୨ କୋଟି ୨୦ ଲକ୍ଷ ଟଙ୍କାର ରିହାତି ବ୍ୟବସ୍ଥା ଅଛି। ଏହି ଯୋଜନାରେ ଜିଲାର ୨ ଶିଳ୍ପୋଦ୍ୟୋଗୀଙ୍କୁ ଶୀତଳଭଣ୍ଡାର ନିର୍ମାଣ ପାଇଁ ମଞ୍ଜୁରୀ ଦିଆଯାଇଛି। ଗରଦପୁରର ବ୍ୟୋମକେଶ ରାଉତଙ୍କ ଶୀତଳଭଣ୍ଡାର ନିର୍ମାଣାଧୀନ ଅଛି। ସେହିପରି ଛତାରେ ଅନ୍ୟ ଏକ ଶୀତଳଭଣ୍ଡାର ନିର୍ମାଣ ପାଇଁ ମଞ୍ଜୁରୀ ଦିଆଯାଇଛି। ପଞ୍ଚାୟତସ୍ତରରେ କ୍ଷୁଦ୍ର ଶୀତଳୀକରଣ ଗୃହ ପାଇଁ ଏବେ ଗୁରୁତ୍ୱ ଦିଆଯାଉଥିବା ସେ ପ୍ରକାଶ କରିଛନ୍ତି।



# ମନମୋହିଲା ଓଡ଼ିଶୀ, ସମ୍ବଲପୁରୀ ନୃତ୍ୟ



କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

**ପାରାଦୀପ, ୧୧।୧୧(ସ୍ୱ.ପ୍ର.)**

### କଳିଙ୍ଗ ବାଲିଯାତ୍ରାର ପଞ୍ଚମ ସନ୍ଧ୍ୟା

ପାରାଦୀପର ସମୁଦ୍ର ବେଳାଭୂମିରେ ଚାଲିଥିବା କଳିଙ୍ଗ ବାଲିଯାତ୍ରା ମହୋତ୍ସବ ଶୁକ୍ରବାର ପଞ୍ଚମ ଦିନରେ ପହଞ୍ଚିଛି। ଏହି ଅବସରରେ ସମ୍ବଲପୁରୀ, ଘୋଡାନାଚ, ଓଡ଼ିଶୀ ନୃତ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିଲା। ଶେଷରେ ମେଲୋଡ଼ି ହୋଇଥିଲା। କରୋନା କଟକଣା ଯୋଗୁ ଦୁଇବର୍ଷ ଯାତ୍ରା ବନ୍ଦ ଥିବାରୁ ଚଳିତବର୍ଷ ଅଧିକ ଜନସମାଗମ ହେଉଛି। ଏପରିକି ସକାଳ ୧୦ଟାରୁ ଲୋକଙ୍କ ଯାତାୟାତ ଆରମ୍ଭ ହୋଇଯାଉଛି। ଜଗତ୍‌ସିଂହପୁର, କେନ୍ଦ୍ରାପଡା ଜିଲାର ବହୁ ଲୋକ ଏଥିରେ ସାମିଲ ହେଉଛନ୍ତି। ସେମାନେ ସମୁଦ୍ର କୂଳ ଓ ବାଲିଯାତ୍ରାରେ ବୁଲିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖୁଛନ୍ତି। ସେଠାରେ ଖାଇବା ସହ ବିଭିନ୍ନ ସାମଗ୍ରୀ କିଣାକିଣି କରୁଛନ୍ତି। ମଞ୍ଚରେ ଅପରାହ୍ନ ୪ଟା ଠାରୁ ରାତି ପର୍ଯ୍ୟନ୍ତ ସ୍ଥାନୀୟ କଳାକାରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।



ପାରାଦୀପ ବତିଘର ଉପରୁ କଳିଙ୍ଗ ବାଲିଯାତ୍ରାର ଦୃଶ୍ୟ।





କଳିଙ୍ଗ ବାଲିଯାତ୍ରାରେ ଲାଗିଥିବା ବିଭିନ୍ନ ଖାଇବା ଷ୍ଟଲରେ ଦୋକାନୀମାନେ ଗ୍ରାହକଙ୍କୁ ଖାଦ୍ୟ ପରିବେଷଣ କରୁଛନ୍ତି।



ଗ୍ରାହକ ପାଇଁ ପ୍ରସ୍ତୁତ କରାଯାଇଥିବା ବିରିଆନି।



ଯାତ୍ରାରେ ଲୋକେ ବିଭିନ୍ନ ଖାଦ୍ୟର ମଜା ଉଠାଉଛନ୍ତି।

# ବିରଳ ପ୍ରଜାତିର କଇଁଛ ଉଦ୍ଧାର

**ଯାଜପୁର ରୋଡ୍, ୧୧।୧୧(ଡି.ଏନ.ଏ.)**

ଯାଜପୁର ଜିଲା ମଙ୍ଗଳପୁର ଥାନା ତରପଦା ଗାଁରୁ ଶୁକ୍ରବାର ଏକ ବିରଳ ପ୍ରଜାତିର କଇଁଛ ଯାଜପୁର ରୋଡ୍ ବନ ବିଭାଗ ଦ୍ୱାରା ଉଦ୍ଧାର ହୋଇଛି। ସୂଚନା ମୁତାବକ କଟକ ବନଖଣ୍ଡ ଅଧିକାରୀ ସଞ୍ଜୟ କୁମାର ସ୍ୱାଇଁ କୌଣସି ସୂତ୍ରରୁ ମଙ୍ଗଳପୁର ଥାନା ତରପଦା ଗାଁ ଭିତରେ ପ୍ରାୟ ୪୦ କିଲୋ ଓଜନର କଇଁଛ ବୁଲୁଥିବା ଜାଣିବାକୁ ପାଇଥିଲେ। ଏଥିସହିତ ତୁରନ୍ତ ଏହି କଇଁଛକୁ ଉଦ୍ଧାର କରିବାକୁ ଯାଜପୁର ରୋଡ୍ ରେଞ୍ଜର ଜ୍ୟୋତିରଞ୍ଜନ ମହାପାତ୍ରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରେଞ୍ଜର ମହାପାତ୍ର ସଦଳବଳ ତରପଦା ଗାଁକୁ ଯାଇ କଇଁଛକୁ ଉଦ୍ଧାର କରି ଯାଜପୁର ରୋଡ୍ ବନ ବିଭାଗ କାର୍ଯ୍ୟାଳୟକୁ ଆଣିଥିଲେ। କଟକ ବନଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ସକାଳୁ କଇଁଛଟିକୁ ବାରଙ୍ଗ ସ୍ଥିତ ନନ୍ଦନକାନନକୁ ପଠାଇଥିବା ମହାପାତ୍ର ସୂଚନା ଦେଇଛନ୍ତି। କଇଁଛକୁ ଦେଖିବାକୁ ଲୋକଙ୍କ ଗହଳି ହୋଇଥିଲା।



## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅଭିଜିତ୍



@ ଆଲୋକ



@ ଅନିରୁଦ୍ଧ



@ ବିନୟ



@ ଲିପନ୍

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୟୁନିଫର୍ମ ପିନ୍ଧି କାର୍ଯ୍ୟାଳୟକୁ ଆସିଲେ ବ୍ଲକ କର୍ମଚାରୀ




ପଞ୍ଚାୟତ କର୍ମଚାରୀମାନେ ୟୁନିଫର୍ମ ପରିଧାନ କରି କାର୍ଯ୍ୟାଳୟକୁ ଆସିଛନ୍ତି।

**କୁଜଙ୍ଗ, ୧୧।୧୧(ଡି.ଏନ୍.ଏ.)**

### ସବୁ ଶୁକ୍ରବାର ପିନ୍ଧିବାକୁ ସହମତି

କୁଜଙ୍ଗ ପଞ୍ଚାୟତ ସମିତିର ସମସ୍ତ କର୍ମଚାରୀ ଶୁକ୍ରବାର ୟୁନିଫର୍ମ ପିନ୍ଧି କାର୍ଯ୍ୟାଳୟକୁ ଆସିଥିଲେ। ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କଠାରୁ ଆରମ୍ଭ କରି ଅତିରିକ୍ତ ବିଡିଓ ଜ୍ଞାନଦା ନାୟକ, ମୁଖ୍ୟ ଦପ୍ତରୀ ପ୍ରଦୀପ ବାରିକ୍, ଜିପିଓ, ସହକାରୀ ଯନ୍ତ୍ରୀ ସୂର୍ଯ୍ୟନାରାୟଣ ବାରିକ, କୋଷାଧକ୍ଷ ବସନ୍ତ ମହାନ୍ତିଙ୍କ ସମେତ ସମସ୍ତ ଯନ୍ତ୍ରୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ ଓ ଚପରାସୀମାନେ ଏକପ୍ରକାର ୟୁନିଫର୍ମ ପିନ୍ଧିଥିଲେ। ସପ୍ତାହର ପ୍ରତ୍ୟେକ ଶୁକ୍ରବାର ସମସ୍ତ କର୍ମଚାରୀ ୟୁନିଫର୍ମ ପିନ୍ଧିଆସିବା ସ୍ୱଇଚ୍ଛାରେ ସହମତି ପ୍ରକାଶ କରିଛନ୍ତି। ଏହି ପୋଷାକ ସମ୍ବଲପୁରୀ ହସ୍ତତନ୍ତରେ ପ୍ରସ୍ତୁତ ଲାଲ୍ ରଙ୍ଗର ହୋଇଥିବାବେଳେ ପୁରୁଷମାନେ ଶାର୍ଟ ଓ ମହିଳା କର୍ମଚାରୀମାନେ ଶାଢ଼ି ଓ ଚୁଡ଼ିଦାର ପଞ୍ଜାବୀ ପିନ୍ଧିଥିଲେ। ଏହା କର୍ମଚାରୀଙ୍କ ମଧ୍ୟରେ ଏକତା ଓ ସୌହାର୍ଦ୍ଦ୍ୟବୃଦ୍ଧି କରିବା ସାଙ୍ଗକୁ ଏକ ମନ ଏକ ପ୍ରାଣ ହୋଇ ଗୋଟିଏ ପରିବାର ପରି କାମ କରିବାକୁ ପ୍ରେରଣା ଯୋଗାଇବ ବୋଲି ବିଡିଓ ପାଣିଗ୍ରାହୀ କହିଛନ୍ତି। ପଞ୍ଚାୟତ ସମିତିର କର୍ମଚାରୀମାନେ ଏଭଳି ୟୁନିଫର୍ମ ପିନ୍ଧିବା ଓଡିଶାରେ ପ୍ରଥମ ବୋଲି ଜଣାପଡିଛି।

## ଆଜି କ'ଣ କେଉଁଠି

ଧର୍ମଶାଳା
- ଧର୍ମଶାଳା ପୁସ୍ତକ ମେଳା, ସ୍ଥାନ ଧର୍ମଶାଳା ବାଣୀପୀଠ ଖେଳ ପଡ଼ିଆ, ସମୟ- ଅପରାହ୍ନ ୫ ଘଟିକା।
- ଶୁଭ ସକାଳର ଅଷ୍ଟମ ବାର୍ଷିକ ଉତ୍ସବ, ସ୍ଥାନ-ଜାରକାସ୍ଥିତ ସିଭିକ ସେଣ୍ଟର, ସମୟ- ପୂର୍ବାହ୍ନ ୧୦ ଘଟିକା।

# ସାଟେଲାଇଟ୍ ମାପଚୁପ୍ ନ କରି ପୁଣି ଚୁକ୍ତି

ଯାଜପୁର ଅଫିସ,୧୧।୧୧

ଯାଜପୁର ମାଇନିଂ ପ୍ଲାନ ଅନୁସାରେ ଲିଜ୍‌ପ୍ରାପ୍ତ ସଇରାତରୁ କଳା ପଥର ଖନନ କରି ଦିନକୁ ଗୋଟିଏ ହାଇୱା ବା ଦୁଇଟି ଟ୍ରାକ୍ଟରକୁ କଳାପଥର ଲୋଡ୍ ଦେବା ସମ୍ଭବ ନୁହେଁ। କିନ୍ତୁ ଲିଜ୍‌ଧାରୀମାନେ ଅନୁମତିଠାରୁ ଏକାଧିକ କମ୍ପ୍ରେସର ଓ ମେଶିନ ଲଗାଇ ଶତାଧିକ ଟ୍ରିପ ପଥର ଖନନ କରି ପରିବହନ କରୁଛନ୍ତି। ଅର୍ଥାତ୍ ସରକାର ଅଙ୍ଗୁଳି ଦେଖେଇଲେ ବାହୁ ଗିଳିବା ଭଳି ଉକ୍ତିକୁ ଏଠାରେ ପ୍ରତିପାଦିତ କରୁଛି। ଲିଜ୍ ପାଇବା ପରେ ଉକ୍ତ ସଇରାତର ସମସ୍ତ କଳାପଥର ନିଜର ବୋଲି ଭାବି ନେଉଛନ୍ତି। ଏହି ମନୋଭାବ ନେଇ ଗତ ଦୁଇ ଦଶନ୍ଧି ହେଲା ଅନୁମୋଦନଠାରୁ ଲକ୍ଷାଧିକ ଗୁଣ ଅଧିକ ପରିମାଣର କଳାପଥର ଲୁଟ୍ କରାଯାଉଛି। ଏନେଇ ପୂର୍ବରୁ କ୍ରାଇମବ୍ରାଞ୍ଚ ତଦନ୍ତ, ଏନ୍‌ଜିଟି ଓ ଲୋକାୟୁକ୍ତରେ ମାମଲା ରୁଜୁ ହୋଇଥିଲେ ହେଁ କୌଣସି ଧାର ଧରୁନାହିଁ। ଏପରି କି ଜରିମାନା ନିର୍ଦ୍ଦେଶ ହେଉଥିଲେ ହେଁ ଏଯାଏ ଟଙ୍କାଟିଏ ବି ଅସୁଲି ହୋଇ ପାରୁନାହିଁ, ଯାହାକି ଲିଜ୍‌ଧାରୀଙ୍କ ସହ କେତେଜଣ ପ୍ରଶାସନିକ ଅଧିକାରୀଙ୍କ ଭିତିରିଆ ବୁଝାମଣା ରହିଥିବା ସାଧାରଣରେ ସନ୍ଦେହ କରାଯାଇଛି। ତେବେ ଗତ ମାର୍ଚ୍ଚରେ ଏନେଇ ବିଧାନସଭାରେ ପ୍ରଶ୍ନ ଉଠିବା ପରେ ପ୍ରଶାସନ ପକ୍ଷରୁ ବୈଷୟିକ ଜ୍ଞାନକୌଶଳ ବଳରେ ସାଟେଲାଇଟ୍ ମାପଚୁପ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ୪ ଲିଜ୍‌ଧାରୀଙ୍କୁ ୧୦୫ କୋଟି ୮୭ ଲକ୍ଷ ଟଙ୍କା ଜରିମାନା ନିର୍ଦ୍ଦେଶ ହୋଇଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟ ମାପଚୁପ୍ ପ୍ରାୟ ସମ୍ପନ୍ନ ହୋଇଛି। ଏହି ମାପଚୁପରେ ରାହାଡ଼ପୁର ପାହାଡ଼ରୁ ଅନୁମୋଦନଠାରୁ ବହୁଗୁଣ ଅଧିକ ପରିମାଣର କଳାପଥର ଲୁଟ୍ ହୋଇଥିବା ଚର୍ଚ୍ଚା ହେଉଛି, ଯାହାକୁ ନେଇ ସାଟେଲାଇଟ ମାପଚୁପ ଆକଳନ କରିହେବ କି ନାହିଁ ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।


ଲୁଣିବର ପାହାଡ଼।

### ଧର୍ମଶାଳା ତହସିଲର ଲୁଣିବର ପାହାଡ଼

ଅନୁରୂପ ଭାବେ ଲୁଟ୍ ହେଉଥିବା ଲୁଣିବର ପାହାଡରେ ମାପଚୁପ ନିୟୋଜିତ ସଂସ୍ଥା ମାଇ ୱାଲ୍ଡ କନ୍‌ସଲଟେନ୍ସିର ଭୂମିକା ଉପରେ ସମସ୍ତଙ୍କ ନଜର ରହିଛି।

ଧର୍ମଶାଳା ତହସିଲର ଲୁଣିବର ପାହାଡ଼ରେ ୫ଟି କଳାପଥର ସଇରାତ ରହିଛି। ୨୦୧୫-୧୬ରେ ଦୀର୍ଘମିଆଦି ସୂତ୍ରରେ ଏହିସବୁ ସଇରାତଗୁଡ଼ିକୁ ୫ ବର୍ଷିଆ ନିଲାମ ଦିଆଯାଇଥିଲା। ତନ୍ମଧ୍ୟରୁ ୩ଟି ସଇରାତର ଅବଧି ଗତ କିଛି ମାସ ତଳେ ଶେଷ ହୋଇଥିଲା। ଏହାପରେ ସଇରାତଗୁଡ଼ିକର ସାଟେଲାଇଟ ସର୍ଭେ ପରେ ଖାଦାନଗୁଡ଼ିକରୁ ବାର୍ଷିକ ଧାର୍ଯ୍ୟ ସର୍ବନିମ୍ନ ଉତ୍ତୋଳନ ପରିମାଣଠାରୁ ଅଧିକ ଉତ୍ତୋଳନ ହୋଇଥିବା ଜଣାପଡ଼ିଥିଲା। ଲୁଣିବର ମୌଜାର ଅନ୍ୟ ଦୁଇଟି ଖାଦାନ ରଙ୍ଗାଧର ପ୍ରଧାନ ଓ ଗଙ୍ଗାଧର ଓଝାଙ୍କ ନାମରେ ରହିଛି। ପରିବେଶ ଅନୁମତିପତ୍ର ଓ ଖନନ ନିମନ୍ତେ ସିଟିଓ(କନ୍‌ସେଣ୍ଟ ଟୁ ଅପରେଟ୍) ପାଇବା ପରେ ୩।୮।୨୦୧୮ରେ ଖାଦାନ ଅପରେଶନ ନିମନ୍ତେ ତହସିଲ ପ୍ରଶାସନ ସହିତ ସେମାନେ ଚୁକ୍ତିନାମା କରିଥିଲେ। ଉଭୟ ଲିଜଧାରୀଙ୍କୁ ୧୨ ଏକର ୫୦ଡିସିମିଲ ଲେଖାଏ ଦୁଇଟି ଖାଦାନ ଅଞ୍ଚଳ ମିଳିଥିଲା। ରଙ୍ଗାଧରଙ୍କୁ ବାର୍ଷିକ ୪୨ ଶହ ଓ ଗଙ୍ଗାଧରଙ୍କୁ ୫୩ ଶହ ଘନ ମିଟର କଳାପଥର ଉତ୍ତୋଳନ ନିମନ୍ତେ ନିଲାମ ଦିଆଯାଇଥିଲା। ଏହି ଦୁଇ ସଇରାତର ଅବଧି ଆସନ୍ତା ବର୍ଷ ଅଗଷ୍ଟ ୨ରେ ଶେଷ ହେବ। କିନ୍ତୁ ଏହି ଦୁଇଟି ଖାଦାନରେ ଲିଜ୍ ପରିମାଣର ଲକ୍ଷାଧିକ ଗୁଣ ଅଧିକ ପଥର ଉତ୍ତୋଳନ ହୋଇଥିବା ଚର୍ଚ୍ଚା ହେଉଛି।

ଏହି ଦୁଇ ଖାଦାନର ଅବଧି ୪ ବର୍ଷ ପୂରଣ ହୋଇ ୫ ବର୍ଷକୁ ଆରମ୍ଭ ହୋଇଛି। ଯଦି ୪ ବର୍ଷ ପରେ ସାଟେଲାଇଟ ସର୍ଭେରେ ସେମାନେ ଅଧିକ ଉତ୍ତୋଳନ କରି ନ ଥିବେ ତେବେ ୫ମ ବର୍ଷ ପାଇଁ ଚୁକ୍ତି କରାଯିବା କଥା। ପ୍ରଶାସନ ପକ୍ଷରୁ ଏସବୁ ମାପଚୁପ ନ କରି ପୁଣି ଗୋଟିଏ ବର୍ଷ ପାଇଁ ଚୁକ୍ତି କରାଯାଇଛି। ଏହାର ସୁଯୋଗରେ ଲୁଟ୍ ପ୍ରମାଣ ନଷ୍ଟ କରିବାକୁ ଯାଇ ବଡ଼ ବଡ଼ ଗର୍ତ୍ତ ସବୁ ପୋତିବା ଆରମ୍ଭ କରୁଛନ୍ତି। ଏହାସହ ପ୍ରତି ମାସ ରାଜସ୍ୱ ନିରୀକ୍ଷକମାନେ ଖାଦାନ ଗସ୍ତ କରି କେତେ ଖନନ ହୋଇଛି, କେଉଁ କ୍ରଶରକୁ କଳାପଥର ଯାଇଛି, କେତେ ଟ୍ରିପ ପରିବହନ ହେଉଛି, ୱାଇଫର୍ମ କେତେ ଗାଡ଼ି ମାଲିକଙ୍କୁ ଦିଆଯାଇଛି ଓ କେତେ ବଳକା ଅଛି ଏହାର ସବିଶେଷ ରିପୋର୍ଟ ତହସିଲଦାରଙ୍କୁ ଦେବାର ନିୟମ ରହିଛି। ହେଲେ ସେମାନେ ଏସବୁ କାର୍ଯ୍ୟ ନ କରି ଓଲଟି ଚୋରିକୁ ପ୍ରଶ୍ରୟ ଦେଉଛନ୍ତି ବୋଲି ଅଭିଯୋଗ ହୋଇଛି। ଯଦି ଏଗୁଡ଼ିକ ଠିକ୍ ଭାବେ ତଦାରଖ ହେଉଥାଆନ୍ତା ତେବେ ବହୁ କୋଟି ଟଙ୍କାର କଳାପଥର ଲୁଟ୍ ହେଉ ନ ଥାନ୍ତା ବୋଲି ମତପ୍ରକାଶ ପାଇଛି। ବାର୍ଷିକ ଯଦି ଏହି ଦୁଇଟି ଖାଦାନରୁ ୯ ହଜାର ୫ଶହ ଘନ ମିଟର ଖନନ ପାଇଁ ଅନୁମତି ମିଳିଛି ତେବେ ସେହି ହାରରେ ମାସକୁ ୮୦୦ ଘନ ମିଟର ଓ ଦୈନିକ ୨୬ ଘନ ମିଟର ପଥର ଉତ୍ତୋଳନ ହେବ ବୋଲି ଅଙ୍କ କହୁଛି। ହେଲେ ଏହି ଅଙ୍କର ଶହେ ଗୁଣା ଦୈନିକ କଳାପଥର ଚାଲାଣ ହେଉଥିବା ବର୍ତ୍ତମାନ ଖାଦାନର ସମତଳଠାରୁ ଗଭୀରତା ଓ ପାର୍ଶ୍ୱ ଅଞ୍ଚଳ ଦେଖିଲେ ବେଶ୍ ଅନୁମେୟ। ଚୁକ୍ତି ଅନୁସାରେ ଲୁଣିବର ମୌଜାରେ ଥିବା ସଇରାତରେ ଗୋଟିଏ ପୋକଲିନ୍, ଗୋଟିଏ ହାଇୱା, ଗୋଟିଏ କମ୍ପ୍ରେସର ଓ ଗୋଟିଏ ଲୋଡର ବ୍ୟବହାର କରିବାକୁ ଅନୁମତି ମିଳିଛି। ହେଲେ ପ୍ରତ୍ୟେକ ଦିନ ୨୫ରୁ ଅଧିକ କମ୍ପ୍ରେସର, ଏକାଧିକ ପ୍ରୋକଲିନ ଓ ଶହଶହ ହାଇୱା ଗାଡିରେ ଡଙ୍କାରୀ ମୌଜାରେ ଥିବା ମେଗା କ୍ରଶରକୁ ପରିବହନ ହେଉଥିବା ଦେଖିବାକୁ ମିଳିଛି। ଏ ସଂକ୍ରାନ୍ତରେ ଧର୍ମଶାଳା ତହସିଲଦାର ସ୍ୱାଗତ କୁମାର ଦାସଙ୍କ ମତାମତ ନେବାକୁ ଶୁକ୍ରବାର ଅପରାହ୍ନରେ ତାଙ୍କ ମୋବାଇଲ ନମ୍ବରକୁ ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ କଲ୍ ଗ୍ରହଣ କରି ନ ଥିଲେ।

## ଆଜି ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀଙ୍କ ବରୀ ଗସ୍ତ

ବରୀ,୧୧।୧୧(ଡି.ଏନ.ଏ.): ବରୀ ବ୍ଲକ୍ ବାଲିବିଲ ପଞ୍ଚାୟତରେ ଶନିବାର ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ଦୁଇଟି ରାସ୍ତାର ଶିଳାନ୍ୟାସ କାର୍ଯ୍ୟକ୍ରମ ରହିଛି। ଗ୍ରାମ୍ୟ ଉନ୍ନୟନ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ ଯୋଗଦେଇ ଉକ୍ତ ରାସ୍ତାର ଶିଳାନ୍ୟାସ କରିବେ। ମନ୍ତ୍ରୀ ବାଲିବିଲ ପଞ୍ଚାୟତ ଅଧୀନ ଗାନ୍ଧି ଛକରେ ପହଞ୍ଚି ଡିହସାହିଠାରେ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟର ଶିଳାନ୍ୟାସ କରିବେ। ପରେ କୋରଡ଼ାପିପଳଠାରୁ ଗମ୍ଭୁଁ-ମିତ୍ରସେନପୁର ରାସ୍ତାର ଉନ୍ନତିକରଣ ନିମନ୍ତେ ସମ୍ପ୍ରସାରଣ କାର୍ଯ୍ୟର ଶିଳାନ୍ୟାସ କରିବେ। ତେବେ ମନ୍ତ୍ରୀ ପ୍ରଥମଥର ବରୀ ଅଞ୍ଚଳ ଗସ୍ତରେ ଆସୁଥିବାରୁ ଶାସକ ଦଳ ତରଫରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। କର୍ମୀଙ୍କ ମହଲରେ ମଧ ତତ୍ପରତା ପ୍ରକାଶ ପାଇଛି। ଅନ୍ୟପକ୍ଷରେ କାର୍ଯ୍ୟକ୍ରମକୁ କିଭଳି ସୁଚାରୁରୂପେ ସମ୍ପାଦିତ କରାଯିବ ସେ ନେଇ ବ୍ଲକ୍ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି।

## ଅଜଗର ଉଦ୍ଧାର

ଚଣ୍ଡିଖୋଲ,୧୧।୧୧(ଡି.ଏନ୍.ଏ.): ଚଣ୍ଡିଖୋଲ ବନାଞ୍ଚଳ ଅଧୀନ ସୁଙ୍ଗୁଡ଼ା ପଞ୍ଚାୟତର ହାଇଲେଭଲ କେନାଲ ନିକଟରୁ ଶୁକ୍ରବାର ଏକ ଅଜଗର ସାପକୁ ଉଦ୍ଧାର କରାଯାଇଛି। ସ୍ଥାନୀୟ ଲୋକେ ସାପକୁ ଦେଖି ଭୟଭିତ ହେବା ସହିତ ବନ ବିଭାଗକୁ ଖବର ଦେଇଥିଲେ। ବନପାଳ ଶଶିକାନ୍ତ ବେହେରାଙ୍କ ନେତୃତ୍ୱରେ ବିଭାଗୀୟ କର୍ମଚାରୀମାନେ ଘଟଣାସ୍ଥଳକୁ ଆସି ସାପଟିକୁ ଉଦ୍ଧାର କରି ମହାବିନାୟକ ଜଙ୍ଗଲ ମଧରେ ଛାଡ଼ି ଦେଇଥିଲେ। ସାପଟିର ଲମ୍ବ ୧୦ ଫୁଟ୍ ହେବ ବୋଲି ବନ ବିଭାଗ ତରଫରୁ ସୂଚନା ଦିଆଯାଇଛି। ବନପାଳ ବେହେରାଙ୍କ କହିବା ଅନୁଯାୟୀ, ସାପଟି ପାଣି ପିଇବାକୁ ହାଇଲେଭଲ କେନାଲକୁ ପଳାଇ ଆସିଥିଲା।

## ଓଭରହେଡ୍ ପାଣିଟାଙ୍କିରୁ ଖସିପଡ଼ି ଶ୍ରମିକ ଗୁରୁତର

ଧର୍ମଶାଳା,୧୧।୧୧(ଡି.ଏନ.ଏ.): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଅଭୟପୁରଠାରେ ମେଗାଜଳ ଯୋଗାଣ ପ୍ରକଳ୍ପ ପକ୍ଷରୁ ନିର୍ମାଣାଧୀନ ପାଣିଟାଙ୍କିରୁ ଖସିପଡ଼ି ଶୁକ୍ରବାର ଜଣେ ଶ୍ରମିକ ଗୁରୁତର ହୋଇଛନ୍ତି। ସେ ହେଲେ ପଶ୍ଚିମବଙ୍ଗର ରୁସ୍ତମ ଅଲ୍ଲି (୬୫)। ଅଲ୍ଲି ଓଭରହେଡ ପାଣି ଟାଙ୍କି ନିର୍ମାଣ କାମରେ ନିୟୋଜିତ ହୋଇଥିବାବେଳେ ଅସାବଧାନତା ବସତ ତଳକୁ ଖସିପଡିଥିଲେ। ଫଳରେ ତାଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିଥିଲା। ସେଠାରେ କାମ କରୁଥିବା ଶ୍ରମିକମାନେ ତାଙ୍କୁ ଉଦ୍ଧାର କରି ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

## ୭୪ ଛାତ୍ରୀଙ୍କୁ ଟାଟା ଇଲେକ୍ଟ୍ରୋନିକ୍ସରେ ନିଯୁକ୍ତି


ଟାଟା ଷ୍ଟିଲ ଫାଉଣ୍ଡେଶନ୍ କର୍ତ୍ତପକ୍ଷଙ୍କ ସହ ନିଯୁକ୍ତି ପାଇଥିବା ଛାତ୍ରୀମାନେ ।

କାଳିଆପାଣି,୧୧।୧୧(ଡି.ଏନ.ଏ.)

ଟାଟାଷ୍ଟିଲ ଫାଉଣ୍ଡେଶନର ଦ୍ୱିତୀୟ ପର୍ଯ୍ୟାୟ ନିଯୁକ୍ତି ପରେ ଟ୍ରେନିଂ ଆରମ୍ଭ ହୋଇଛି। ସେପ୍ଟେମ୍ବର ୨୯ରେ କାଳିଆପାଣି ଖଣି ଅଞ୍ଚଳରୁ ୫୦ ଜଣ ଛାତ୍ରୀଙ୍କୁ ଟାଟା ଇଲେକ୍‌ଟ୍ରୋନିକ୍ସ ପ୍ରାଇଭେଟ ଲିମିଟେଡ୍‌ରେ ନିଯୁକ୍ତି ଦିଆଯାଇ ବାଙ୍ଗାଲୋରକୁ ଟ୍ରେନିଂ ପାଇଁ ପଠାଯାଇଥିବା ବେଳେ ଗତ ବୁଧବାର ପୁଣି ସ୍ଥାନୀୟ ଅଞ୍ଚଳର ୭୪ ଛାତ୍ରୀଙ୍କୁ ଦ୍ୱିତୀୟ ପର୍ଯ୍ୟାୟରେ ପଠାଯାଇଛି। ସୁକିନ୍ଦା ଅଞ୍ଚଳରେ ବହୁ ଶିକ୍ଷିତ ଯୁବତୀଯୁବକ କର୍ମ ସଂସ୍ଥାନ ନ ପାଇ ବେକାର ହୋଇ ରହିଛନ୍ତି। ଅଞ୍ଚଳରେ ବହୁ କଳକାରଖାନା, ଖଣି ଖାଦାନ ଥିବାବେଳେ ସ୍ଥାନୀୟ ଯୁବତୀଯୁବକଙ୍କୁ ନିଯୁକ୍ତି ମିଳୁ ନ ଥିବାରୁ ବେକାରି ଏ ଅଞ୍ଚଳ ପାଇଁ ମୁଖ୍ୟ ସମସ୍ୟା ହୋଇରହିଛି। ଏପରିସ୍ଥଳେ ଟାଟାଷ୍ଟିଲ୍ ମାଇନିଂ ଲିମିଟେଡ୍‌ର ଏହି ନିଯୁକ୍ତି ପ୍ରକ୍ରିୟା ଅଞ୍ଚଳ ପାଇଁ ଆଶାର ଆଲୋକ ସୃଷ୍ଟି କରିଛି। ଛାତ୍ରୀମାନଙ୍କୁ ସୁକିନ୍ଦା କ୍ରୋମାଇଟ୍ ମାଇନ୍ସ ପରିସରରୁ ସ୍ୱତନ୍ତ୍ର ବସ୍ ଯୋଗେ ଭୁବନେଶ୍ୱର ପଠାଇବା ଅବସରରେ ଟାଟାଷ୍ଟିଲ୍‌ର ବରିଷ୍ଠ ସାଧାରଣ ପରିଚାଳକ ସୁଶାନ୍ତ ମିଶ୍ର, ବରିଷ୍ଠ ପ୍ରଶାସନିକ ଅଧିକାରୀ ଗୌତମ ଚକ୍ରବର୍ତ୍ତୀ ଉପସ୍ଥିତ ରହି ପୁଷ୍ପଗୁଚ୍ଛ ଦେଇ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିରାପତ୍ତା ମୁଖ୍ୟ ଅଞ୍ଜନା ତିବରୀ, ଟାଟାଷ୍ଟିଲ ଫାଉଣ୍ଡେଶନ ପକ୍ଷରୁ ନୃପୁରାଜ ଉପସ୍ଥିତ ରହି ଛାତ୍ରୀମାନଙ୍କୁ ବିଦାୟ ଦେଇଥିଲେ।

## ବନ୍ଦ ଖଣି ଖୋଲିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ

କାଳିଆପାଣି,୧୧।୧୧(ଡି.ଏନ.ଏ.)

କାଳିଆପାଣି ଖଣି ଅଞ୍ଚଳବାସୀ ଗୁରୁବାର ଗ୍ରାମ୍ୟ ଉନ୍ନୟନ ଓ ଦକ୍ଷତା ବିକାଶ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇଙ୍କୁ ଭେଟି ଓଡ଼ିଶା ଖଣି ନିଗମର ୨ ବନ୍ଦ ଖଣି ଖୋଲିବାକୁ ଦାବିପତ୍ର ଦେବା ପରେ ଶୁକ୍ରବାର ମନ୍ତ୍ରୀ ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଛନ୍ତି। ବନ୍ଦଥିବା ଖଣିଗୁଡ଼ିକୁ ଖୋଲିବା ଦିଗରେ ମୁଖ୍ୟମନ୍ତ୍ରୀ ପଦକ୍ଷେପ ନେବାକୁ ସେ ଚିଠିରେ ଉଲ୍ଲେଖ କରିଛନ୍ତି।

ସୂଚନା ମୁତାବକ, ସୁକିନ୍ଦା କ୍ରୋମାଇଟ୍ ଖଣି ଅଞ୍ଚଳରେ ଓଡ଼ିଶା ଖଣି ନିଗମର କାଠପାଳ ଓ କଲରଙ୍ଗୀର ଦୁଇଟି ଖଣି ବନ୍ଦ ରହିଛି। ଫଳରେ ବହୁ ଶ୍ରମିକ ଓ କର୍ମଚାରୀ କାର୍ଯ୍ୟ ହରାଇ ଦାଦନ ଖଟିବାକୁ ଯାଇଛନ୍ତି। ଅନ୍ୟକେତେଜଣଙ୍କର ମୃତ୍ୟୁ ହୋଇ ସାରିଲାଣି। ତେବେ ଦୀର୍ଘ ୨୨ ବର୍ଷ ପରେ ଅଞ୍ଚଳବାସୀ ଖଣି ୨ଟିକୁ ଖୋଲିବାକୁ ମନ୍ତ୍ରୀଙ୍କ ନିକଟରେ ଦାବି କରିବା ପରେ ସେ କାଳିଆପାଣି ଖଣି ଅଞ୍ଚଳରେ ଥିବା ଓଡ଼ିଶା ଖଣି ନିଗମର କାଠପାଳ, କଲରଙ୍ଗୀ, ଇଉ୍‌କଲର ତଳଙ୍ଗୀ ଓ ଆଇକତ ଆଦି ଖଣି ଖୋଲିବାକୁ ଚିଠିରେ ଅନୁରୋଧ କରିଛନ୍ତି। ଅନ୍ୟପକ୍ଷରେ ଓଡ଼ିଶା ଖଣି ନିଗମ ପକ୍ଷରୁ ବନ୍ଦ ଖଣିକୁ ସଚଳ ପାଇଁ ଆନୁସଙ୍ଗିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବାରୁ ଅଞ୍ଚଳର ଚାକିରି ହରାଇଥିବା ଓ ଚାକିରି ଆଶାୟୀଙ୍କ ମଧ୍ୟରେ ଉତ୍କଣ୍ଠା ପ୍ରକାଶ ପାଇଛି।

## ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ, ଉଦ୍‌ଘାଟନ



ମନ୍ତ୍ରୀ ଏକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

କଳିଙ୍ଗନଗର,୧୧।୧୧(ଡି.ଏନ୍.ଏ.)

ଗ୍ରାମ୍ୟ ଉନ୍ନୟନ ଓ ଦକ୍ଷତା ବିକାଶ ମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡ଼େଇଙ୍କ ଦ୍ୱାରା ଦାନଗଦି ବ୍ଲକ୍ ଅଞ୍ଚଳରେ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦ୍‌ଘାଟନ କରାଯାଇଛି। ମନ୍ତ୍ରୀ ଘଡ଼େଇ ପ୍ରଥମେ ଦାନଗଦି ଡାକ୍ତରଖାନାରେ ହେବାକୁ ଥିବା ୨୪ଟି ଷ୍ଟାଫ୍ କ୍ୱାର୍ଟରର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପରେ ଦାନଗଦି ବ୍ଲକ୍ ପରିସରରେ ୨ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ବିଏଲ୍‌ଏଫ୍ ଟ୍ରେନିଂ ସେଣ୍ଟରର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହାପରେ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ୫୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ମିଶନ ଶକ୍ତି ଗୃହର ଉଦ୍‌ଘାଟନ କରିଥିଲେ। ଦାନଗଦି ବ୍ଲକ୍ ପରିସରରେ ଆୟୋଜିତ ସଭାରେ ଯୋଗଦେଇ ମନ୍ତ୍ରୀ କହିଥିଲେ, ନବୀନ ସରକାରଙ୍କ ଶାସନ କାଳରେ ମହିଳାମାନେ ସ୍ୱାବଲମ୍ବୀ ହୋଇପାରିଛନ୍ତି। ଡିଏମ୍‌ଏଫ୍ ଅନୁଦାନରେ ୫୦ ଲକ୍ଷ ଟଙ୍କା ବ୍ୟୟରେ ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ ଲେଖା ପାର୍କ ନିର୍ମାଣ ପାଇଁ ଅର୍ଥ ଯୋଗାଇ ଦିଆଯାଇଛି ବୋଲି ସେ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ଅର୍ଚ୍ଚନା ଦାସ, ବିଡିଓ ମଣିପ୍ରସାଦ ମିଶ୍ର, ୧୦ ନଂ. ଜୋନ୍ ଜିଲା ପରିଷଦ ସଭ୍ୟା ସୁଚିତ୍ରା ବିଶ୍ୱାଳ, ବିଧାୟକଙ୍କ ପ୍ରତିନିଧି ପ୍ରଦୀପ କୁମାର ମହାନ୍ତି, ତ୍ରିଜଙ୍ଗା ସରପଞ୍ଚ କାଗଜି ପାତ୍ର, ୨୩ ପଞ୍ଚାୟତର ମହିଳା ଓ ବ୍ଲକ୍ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଶେଷରେ ଆର୍‌ଡି ବିଭାଗ ପକ୍ଷରୁ ରାବଣା ଛକଠାରୁ ମାର୍ଥାପୁର ଗାଁ ରାସ୍ତା ପର୍ଯ୍ୟନ୍ତ ପ୍ରାୟ ସାଢ଼େ ଛଅ କି.ମି. ରାସ୍ତା ପ୍ରଶସ୍ତୀକରଣର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସେଠାରେ ଆୟୋଜିତ ସଭାରେ ମନ୍ତ୍ରୀ ଘଡ଼େଇ ସରକାରଙ୍କ ଅନେକ ଲୋକାଭିମୁଖୀ ଯୋଜନା ବିଷୟରେ ସୂଚନା ଦେଇଥିଲେ।

## ଆନ୍ତଃ ମହାବିଦ୍ୟାଳୟସ୍ତରୀୟ କବାଡ଼ି ପ୍ରତିଯୋଗିତା

ବିଞ୍ଝାରପୁର,୧୧।୧୧(ଡି.ଏନ.ଏ.)

ଯାଜପୁର ଜିଲାର ଅନ୍ୟତମ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଅରେଇସ୍ଥିତ ବରୁଣେଶ୍ୱର ମହାବିଦ୍ୟାଳୟରେ ଶୁକ୍ରବାରଠାରୁ ୨ ଦିବସୀୟ ଆନ୍ତଃ ମହାବିଦ୍ୟାଳୟସ୍ତରୀୟ କବାଡ଼ି ପ୍ରତିଯୋଗିତା ଆରମ୍ଭ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ବଟକୃଷ୍ଣ ମହାପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ଅକ୍ଷୟ କୁମାର ମଲ୍ଲିକ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ଖେଳର ଆବଶ୍ୟକତା ଓ ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ସଭାପତି ତଥା ମହାବିଦ୍ୟାଳୟ ଅଧକ୍ଷ ମହାପାତ୍ର ତାଙ୍କ ବକ୍ତ୍ୟବରେ କହିଥିଲେ ଯେ, କ୍ରୀଡ଼ା ମନୁଷ୍ୟକୁ ଶୃଙ୍ଖଳା ଶିଖାଏ। ତାହାସହ ସୁସ୍ଥମନ ସୁସ୍ଥଦେହ ପାଇଁ କ୍ରୀଡ଼ାର ଅବଦାନ ଅପରିହାର୍ଯ୍ୟ। ଏହି ପ୍ରତିଯୋଗିତାରେ ବିବି ମହାବିଦ୍ୟାଳୟ, ଏସ୍‌ଏନ୍ ମହାବିଦ୍ୟାଳୟ ଓ ୟୁଏନ୍ ମହାବିଦ୍ୟାଳୟ ସମେତ ସମୁଦାୟ ମୋଟ୍ ୧୬ ମହାବିଦ୍ୟାଳୟର ପ୍ରତିଯୋଗୀ ଦଳ ଯୋଗଦେବାସହ ତାଙ୍କର ଚିତାକର୍ଷକ ଖେଳ ପ୍ରଦର୍ଶନ କରିବେ। ରଞ୍ଜନ ସୁତାର, ଜ୍ୟୋତିର୍ମୟୀ ନାଥଶର୍ମା, ଜିତେନ୍ଦ୍ର ମହାନ୍ତି, ରିତେନ୍ଦ୍ର ବିଶ୍ୱାଳ, କୃଷ୍ଣଚନ୍ଦ୍ର ପଣ୍ଡା, ସୁରେଶ ସାହୁ ଓ ପ୍ରଦୀପ ସାହୁ ପ୍ରମୁଖ ଖେଳ ପରିଚାଳନା କରିଥିଲେ। କ୍ରୀଡ଼ା ସଂଘ ଉପସଭାପତି ଅଧ୍ୟାପିକା ବିଦ୍ୟୁରେଖା ମହାପାତ୍ର, ମିହିର ବିକାଶ ମହାନ୍ତି, ପ୍ରବୀର କର, ବିଜୟକୃଷ୍ଣ ଦାସ ଓ ଅନୁରୋଧ ସାହୁ ପ୍ରମୁଖ କ୍ରୀଡ଼ା ପରିଚାଳନାରେ ସହଯୋଗ କରିଥିଲେ। ଅଧ୍ୟାପକ କୃଷ୍ଣଚନ୍ଦ୍ର ଜେନା ଧନ୍ୟବାଦ ଦେଇଥିଲେ।


କ୍ରୀଡ଼ା ପ୍ରତିଯୋଗିତାରେ ଯୋଗ ଦେଇଥିବା ଅତିଥି।

## ମଧ୍ୟାହ୍ନଭୋଜନ ପରିଚାଳନାକୁ ଗୁରୁତ୍ୱ

ରସୁଲପୁର,୧୧।୧୧(ଡି.ଏନ.ଏ.)

### ରସୁଲପୁର ଆଦର୍ଶ ବିଦ୍ୟାଳୟ ପରିଚାଳନା ଓ ଉନ୍ନୟନ କମିଟିର ପ୍ରଥମ ବୈଠକ

ରସୁଲପୁର ବ୍ଲକ ଆଦର୍ଶ ବିଦ୍ୟାଳୟ ପରିଚାଳନା ଓ ଉନ୍ନୟନ କମିଟିର ପ୍ରଥମ ବୈଠକ ଉପସଭାପତି ତଥା ବିଡିଓ ଅବନିକାନ୍ତ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ପରିଚାଳନା, ରୋଷେଇ ଗୃହ, ଶୌଚାଳୟ ନିର୍ମାଣ ଓ ନୂତନ କୋଠା ନିର୍ମାଣ ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯିବା ସହ ବିଭିନ୍ନ କ୍ଷେତ୍ରର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଆଲୋଚିତ ବିଷୟଗୁଡିକୁ ତୁରନ୍ତ ପଦକ୍ଷେପ ନେବାକୁ ବିଡିଓ ସାହୁ ସୂଚନା ଦେବା ସହ ବ୍ଲକ ପାଣ୍ଠିରୁ ବିଦ୍ୟାର୍ଥୀ, ଶିକ୍ଷକଙ୍କ ନିମେନ୍ତ ଶୌଚଳାୟ ନିର୍ମାଣ ପାଇଁ ବ୍ୟୟବରାଦ କରାଯିବ ବୋଲି କୁହାଯାଇଛି।

ଚଳିତବର୍ଷଠାରୁ ଏହି ବ୍ଲକର କଲଣଠାରେ ଆଦର୍ଶ ବିଦ୍ୟାଳୟ ଆରମ୍ଭ ହୋଇଛି। ବିଦ୍ୟାଳୟ ଆରମ୍ଭକୁ ୭ମାସ ବିତିସାରିଛି। ହେଲେ ନିଜସ୍ୱ କୋଠା ନ ଥିବାରୁ ଏହା କଲଣ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅସ୍ଥାୟୀ ଭାବେ କାର୍ଯ୍ୟ କରୁଛି। ଭିତ୍ତିଭୂମି ଅଭାବରୁ ଏବେ ସୁଦ୍ଧା ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ହୋଇପାରୁ ନାହିଁ। ବ୍ଲକର କୋଣ ଅନୁକୋଣରୁ ପିଲାମ ବିଦ୍ୟାଳୟରେ ନାମ ଲେଖାଇଛନ୍ତି। ୬ଷ୍ଠ ଓ ୭ମ ଶ୍ରେଣୀର ପିଲା ବିଦ୍ୟାଳୟରେ ୮ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଅତିବାହିତ କରୁଛନ୍ତି। ହେଲେ ମଧ୍ୟାହ୍ନଭୋଜନ ବିନା ପିଲାମାନଙ୍କୁ ଭୋକଉପସାରେ ରହିବାକୁ ପଡୁଛି। ଶୌଚାଳୟ ଅଭାବରୁ ପିଲା ଓ ଶିକ୍ଷୟିତ୍ରୀଶିକ୍ଷକ ବିଶେଷ ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି ବୋଲି ଚଳିତ ମାସରେ ଆୟୋଜିତ ଅଭିଭାବକ-ଶିକ୍ଷକଙ୍କ ବୈଠକରେ ଚିନ୍ତା ପ୍ରକଟ କରାଯାଇଥିଲା। ଉକ୍ତ ବିଷୟକୁ ଏଠିକାର ବୈଠକରେ ଗୁରୁତ୍ୱ ଦିଆଯାଇ କାର୍ଯ୍ୟକ୍ଷମ କରିବାକୁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଡ. ପ୍ରଜ୍ଞାପରମିତା ମହାନ୍ତି, ଅଧ୍ୟାପିକା ରୋହିଣୀ ଗମାଙ୍ଗ, ଅଧ୍ୟାପିକା ସବିତା ମିଶ୍ର, ସହକାରୀ ବ୍ଲକ ଶିକ୍ଷାଧିକାରୀ ଅରୁଣ କୁମାର ସେଠୀ, ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ନରେନ କୁମାର ଜେନା, ସହକାରୀ ନିର୍ବାହୀ ଯନ୍ତ୍ରୀ ସୋନାଲି ଧଳ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅଧକ୍ଷା ସୌଦାମିନୀ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସିପ୍ରାଲତା ସ୍ୱାଇଁ, ଜିତେନ୍ଦ୍ର କୁମାର ଜେନା, ଚନ୍ଦନେଶ୍ୱର ସେଠୀ, ସ୍ମୃତିରେଖା ବାରିକ, ସ୍ମୃତିରଞ୍ଜନ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳାନ କରିଥିଲେ। ମଧୁପୁର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ କୁଶମଣି ପଣ୍ଡା ଧନ୍ୟବାଦ ଦେଇଥିଲେ।



ବୈଠକରେ ଯୋଗ ଦେଇଥିବା ଅଧିକାରୀ ଓ ଅନ୍ୟମାନେ।

## ସଂକ୍ଷେପରେ

### ବ୍ୟବସାୟୀ ହଜାଇଥିବା ବ୍ୟାଗ୍ ଦେଲା ପୋଲିସ

ଆସିକା,୧୧।୧୧(ଡି.ଏନ.ଏ.)- ଭଞ୍ଜନଗର ଥାନା ଅନ୍ତର୍ଗତ ଡିହପଡ଼ାଳ ଗ୍ରାମର ବ୍ୟବସାୟୀ ଜୟସେନ ବାଡତ୍ୟା ବୁଧବାର କାମ ସାରି ଗାଁକୁ ଫେରୁଥିବା ବେଳେ ବାଇକ୍‌ରୁ ତାଙ୍କ ବ୍ୟାଗ୍ ଖସି ପଡ଼ିଥିଲା। ଜୟସେନ ଏହା ଜାଣି ପାରି ନ ଥିଲେ। ବ୍ୟାଗରେ ୩୦ ହଜାର ଟଙ୍କା ଓ ଦରକାରୀ କାଗଜପତ୍ର ଥିଲା । ଗାଙ୍ଗପୁର ଥାନା କଣ୍ଟେଇପଲ୍ଲୀ ଫାଣ୍ଡିରେ କାର୍ଯ୍ୟରତ କନଷ୍ଟେବଲ ରଞ୍ଜୟ କୁମାର ପ୍ରଧାନ ଉକ୍ତ ବ୍ୟାଗଟିକୁ ପାଇ ଥାନା ଅଧିକାରୀଙ୍କୁ ଜଣାଇଥିଲେ। ପୋଲିସ ପକ୍ଷରୁ ଜୟସେନଙ୍କୁ ଏହି ସୂଚନା ଦିଆଯାଇଥିଲା। ପରେ ସେ ହଜାଇଥିବା ବ୍ୟାଗ ଥାନାରୁ ଫେରିପାଇଥିବା ଗାଙ୍ଗପୁର ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ କହିଛନ୍ତି।

### ଉଦ୍‌ଘାଟନର ୧୬ ମାସ ପରେ ଆରଟିଓ ଅଫିସ ଖୋଲିଲା

ଭଞ୍ଜନଗର,୧୧।୧୧(ଡି.ଏନ.ଏ)- ଭଞ୍ଜନଗର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ନିଜସ୍ୱ କୋଠା ଉଦ୍‌ଘାଟନ ହେବାର ୧୬ ମାସ ପରେ ଶୁକ୍ରବାର ସର୍ବସାଧାରଣଙ୍କ ବ୍ୟବହାର ପାଇଁ ଖୋଲିଛି। ଆରଟିଓ ଶୁଭେନ୍ଦୁ ରାୟ ଶୁକ୍ରବାର ଗୃହ ପ୍ରବେଶ ପାଇଁ ପୂଜାର୍ଚ୍ଚନା କରିବା ପରେ କାର୍ଯ୍ୟାଳୟ ଖୋଲିଥିଲା।
୨୦୧୪ ସାଧାରଣ ନିର୍ବାଚନ ପୂର୍ବରୁ ୨୦୧୩ରେ ଭଞ୍ଜନଗର ଆରଟିଓ କାର୍ଯ୍ୟାଳୟ ସ୍ଥାନୀୟ ପ୍ରାଣୀ ଚିକିତ୍ସାଳୟ କୋଠାରେ ଅସ୍ଥାୟୀ ଭାବେ ଖୋଲିଥିଲା। ଏହାପରେ ନିଜସ୍ୱ କୋଠା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ପ୍ରାୟ ୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ କଲେଜ ରୋଡ ଶ୍ରୀରାମ ନଗର ନିକଟରେ ଗତବର୍ଷ ଜୁଲାଇ ମାସ ୨୧ ତାରିଖରେ ନୂତନ କୋଠା ଉଦ୍‌ଘାଟିତ ହୋଇଥିଲା। କିନ୍ତୁ ସେ ସମୟରେ କମ୍ପ୍ୟୁଟର ସମେତ ଅନ୍ୟାନ୍ୟ କିଛି ଜିନିଷ ପାଇଁ ଅନୁଦାନ ନଥିବା ଯୋଗୁ କାର୍ଯ୍ୟାଳୟ ଅସ୍ଥାୟୀ କୋଠାରୁ ସ୍ଥାୟୀ କୋଠାକୁ ଯାଇ ପାରିନଥିଲା। ଇତିମଧ୍ୟରେ ଆରଟିଓଙ୍କ ହସ୍ତକ୍ଷେପ ପରେ ଉକ୍ତ ସମସ୍ୟା ଦୂର ହେବା ସହ କାର୍ଯ୍ୟାଳୟ ଖୋଲିଥିଲା।

### କଳିଙ୍ଗ ମହାବିଦ୍ୟାଳୟ ଓଡ଼ିଆ ବିଭାଗର ଆଲୋଚନାଚକ୍ର

ଜି.ଉଦୟଗିରି,୧୧।୧୧(ଡି.ଏନ.ଏ.)- ସ୍ଥାନୀୟ କଳିଙ୍ଗ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ଆନୁକୂଲ୍ୟରେ ଶୁକ୍ରବାର ଫକୀରମୋହନଙ୍କ ଅନନ୍ୟ କୃତି ଛମାଣ ଆଠଗୁଣ୍ଠ ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଆଲୋଚକ ଭାବରେ ଡଃ କୁଳମଣି ଓଝା, ଉପସଚିବ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ବ୍ରହ୍ମପୁର ଯୋଗଦେଇ ଫକୀରମୋହନଙ୍କ ଛମାଣ ଆଠ ଗୁଣ୍ଠ ସମ୍ପର୍କରେ ତାତ୍ତ୍ୱିକ ଆଲୋଚନା କରିଥିଲେ। ଅଧ୍ୟକ୍ଷ ସୁଧାଂଶୁ ଶେଖର ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଅଧ୍ୟାପିକା ସବିତା ଟୁଡୁ ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରିତ କରିଥିବା ବେଳେ ବିଭାଗୀୟ ମୁଖ୍ୟ ଅଧ୍ୟାପିକା ସୁପ୍ରିୟା ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପକ ଡଃ ନଳିନୀ କୁମାର ପାଣିଗ୍ରାହୀ ଅତିଥିଙ୍କ ପରିଚୟ ପ୍ରଦାନ କରିବା ସହିତ ଆଜିର ଆଲୋଚନାର ବିଷୟବସ୍ତୁ ସମ୍ପର୍କରେ ଅଭିଭାଷଣ ଦେଇଥିବା ବେଳେ ଅଧ୍ୟାପିକା ମାମିନା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଚାକିରି ନିୟମିତ ଦାବି କଲେ ଠିକା ସ୍ୱାସ୍ଥ୍ୟ କର୍ମଚାରୀ

**ପାରଳାଖେମୁଣ୍ଡି,୧୧।୧୧(ଡି.ଏନ୍.ଏ)**

ସ୍ୱାସ୍ଥ୍ୟ ଠିକା କର୍ମଚାରୀ ମହାସଂଘ ଗଜପତି ଜିଲା ଶାଖା ପକ୍ଷରୁ ଓଡିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଏବଂ ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସୋସାଇଟି ଅଧୀନରେ କାର୍ଯ୍ୟରତ ସମସ୍ତ ଠିକା କର୍ମଚାରୀଙ୍କ ଚାକିରି ନିୟମିତ କରିବା ପାଇଁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଜିଲା ସ୍ୱାସ୍ଥ୍ୟ ଠିକା କର୍ମଚାରୀ ମହାସଂଘର କର୍ମକର୍ତ୍ତାମାନେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ସଂଗ୍ରାମ ଶେଖର ପଣ୍ଡାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ସେଥିରେ ଉଲ୍ଲେଖ ଅଛି ଯେ, ଜିଲାରେ ଠିକା କର୍ମଚାରୀମାନେ ଦୀର୍ଘ ୧୫ ବର୍ଷରୁ ଊର୍ଦ୍ଧ୍ୱ ହେବ ନିରବଚ୍ଛିନ୍ନ ଭାବେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଇ ଆସୁଥିଲେ ମଧ୍ୟ ସରକାର ନ୍ୟାଯ୍ୟ ଦାବି ପ୍ରତି କର୍ଣ୍ଣପାତ କରୁନାହାନ୍ତି । ଗତ ମାସରେ ସରକାର ଠିକା ପ୍ରଥା ଉଚ୍ଛେଦ କରିଥିବା ବେଳେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଏବଂ ରାଜ୍ୟ ଏଡସ ନିୟନ୍ତ୍ରଣ ସୋସାଇଟି ଅଧୀନରେ କାର୍ଯ୍ୟରତ ୧୦ ହଜାରରୁ ଊର୍ଦ୍ଧ୍ୱ ପ୍ରକୃତ ଠିକା କର୍ମଚାରୀଙ୍କୁ ବାଦ ଦେଇଛନ୍ତି। ତେଣୁ ଠିକା କର୍ମଚାରୀ ମହାସଂଘର ଦାବି ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ସରକାରଙ୍କ ସହ ବିଚାର ବିମର୍ଷ କରି ପ୍ରକୃତ ଠିକା କର୍ମଚାରୀମାନଙ୍କର ଚାକିରିକୁ ନିୟମିତ କରିବା ପାଇଁ ପଦକ୍ଷେପ ନେବାକୁ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି। ନଚେତ ଜରୁରୀ ବିଭାଗରେ କାର୍ଯ୍ୟରତ ଥିଲେ ମଧ୍ୟ ହଳଦିଆ ବ୍ୟାଜ (ଆଶାର ଆଲୋକ) ପିନ୍ଧିବା ସହିତ ଆମ ଉପରେ ନ୍ୟସ୍ତ ସମସ୍ତ କାର୍ଯ୍ୟରେ ଓଡିଶା ସରକାରଙ୍କୁ ଶାନ୍ତିପୂର୍ଣ୍ଣ ଭାବେ ଅସହଯୋଗ କରିବୁ ବୋଲି ସ୍ୱାସ୍ଥ୍ୟ ଠିକା କର୍ମଚାରୀ ଜଣାଇଛନ୍ତି । ଦାବିପତ୍ର ପ୍ରଦାନ ବେଳେ ମହାସଂଘର ଗଜପତି ଜିଲା ଶାଖା ସଭାପତି ଏମ.ଖଗେଶ୍ୱର, ସମ୍ପାଦକ ଜେ.ସୁଦର୍ଶନ ରାଜୁ ପ୍ରମୁଖଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ ।


ଦାବିପତ୍ର ଦେବାକୁ ଆସିଥିବା ଠିକା କର୍ମଚାରୀମାନେ।

# ବାତ୍ୟାଆଶ୍ରୟସ୍ଥଳୀରରକ୍ଷଣାବେକ୍ଷଣ ପାଇଁ ନୂତନ କମିଟି ଗଠିତ

**ନୂଆଗଡ଼,୧୧।୧୧**

ନୂଆଗଡ଼ ବ୍ଲକ ଅନ୍ତର୍ଗତ ଖଜୁରିପଦାଠାରେ ନୂତନ ଭାବେ ନିର୍ମିତ ହୋଇଥିବା ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀର ରକ୍ଷଣାବେକ୍ଷଣ ନିମନ୍ତେ ପ୍ରଥମ କରି ନୂତନ କମିଟି ଗଠନ ହୋଇଯାଇଛି। ନୂଆଗଡ଼ ବିଡିଓ ଦାୟିତ୍ୱରେ ଥିବା ଗୁମ୍ମା ବିଡିଓ ଅନୁପ ଅଭିଷେକ ବେହେରାଙ୍କ ନେତୃତ୍ୱରେ ବୈଠକ ଅନୁଷ୍ଠିତ ହୋଇ ନୂତନ କମିଟି ଗଠନ କରାଯାଇଥିଲା । ଏଥିରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ମେଘନାଦ ବେହେରା, ସାଧାରଣ ପ୍ରବନ୍ଧକ ରାଜ କିଶୋର ଘଡ଼େଇ, ଜିଲା ବିପର୍ଯ୍ୟୟ ପରିଚାଳନା ପରାମର୍ଶଦାତା ପ୍ରଦ୍ୟୁଶ କୁମାର ଶତପଥୀ, ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ସଞ୍ଜୀବ କୁମାର ରଥ,ଏଇଇ ପ୍ରଦ୍ୟୁମ୍ନ କୁମାର ଦାସ, ସ୍ଥାନୀୟ ସରପଞ୍ଚ ସଣ୍ଟୁ ମଣ୍ଡଳ ସମେତ ପଞ୍ଚାୟତର ଜନ ପ୍ରତିନିଧି, ଡାକ୍ତର, ଶିକ୍ଷକ, ଅଙ୍ଗନୱାଡି କର୍ମୀ, ଆଶା, ସ୍ୱୟଂ ସହାୟକ ଗୋଷ୍ଠୀ, ବ୍ଲକର ବିଭିନ୍ନ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ। ବୈଠକରେ ପ୍ରଥମେ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀର କିଭଳି ପରିଚାଳନା କରାଯିବ, ଏହାର ରକ୍ଷଣାବେକ୍ଷଣ କିଭଳି କରାଯିବ, କମିଟି ସଦସ୍ୟମାନଙ୍କର ସମ୍ପୂର୍ଣ୍ଣ ଦାୟିତ୍ୱ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ଏହି ଆଶ୍ରୟସ୍ଥଳୀର ପରିଚାଳନା ନିମନ୍ତେ ସରକାରଙ୍କ ନିୟମ ଅନୁଯାୟୀ ସ୍ଥାନୀୟ ସରପଞ୍ଚଙ୍କୁ ସଭାପତି ଏବଂ ଉପସଭାପତି ଭାବେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିବା ବେଳେ ସର୍ବସମ୍ମତି କ୍ରମେ ସ୍ଥାନୀୟ ପଞ୍ଚାୟତର ଜଣେ ସ୍ୱେଚ୍ଛାସେବୀ ଯୁବକ ହରେକୃଷ୍ଣ ପଣ୍ଡା(ରିଙ୍କୁ)ଙ୍କୁ ସମ୍ପାଦକ ଭାବେ ଏବଂ ବିଭିନ୍ନ ବର୍ଗ ଓ ବିଭିନ୍ନ ସଂଗଠନର ୨୫ଜଣ ମହିଳା ଓ ପୁରୁଷଙ୍କୁ କମିଟିର ସଦସ୍ୟ ଭାବେ ମନୋନୀତ କରାଯାଇଥିଲା।


ବୈଠକରେ ଉପସ୍ଥିତ ଅତିଥି।

# ଜିଲା ସ୍ତରୀୟ ସହରାଞ୍ଚଳ ନିର୍ବାହୀ ଅଧିକାରୀଙ୍କ ସମ୍ମିଳନୀ

**ହିଞ୍ଜିଳିକାଟୁ,୧୧।୧୧(ଡି.ଏନ.ଏ.)**

ଗଞ୍ଜାମ ଜିଲା ସ୍ତରୀୟ ସ୍ୱଚ୍ଛ ସର୍ବେକ୍ଷଣ ୨୦୨୩ ନିମନ୍ତେ ଏକ ଓରିଏନ୍‌ଟେସନ ପ୍ରୋଗାମ ହିଞ୍ଜିଳିକାଟୁ ପୌର ପରିଷଦ ସଭାଗୃହରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ସମସ୍ତ ସହରାଞ୍ଚଳ ଗୁଡିକର କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ସ୍ୱଚ୍ଛ ବିଶେଷଜ୍ଞ ମାନେ ଯୋଗ ଦେଇଥିଲେ। ଗଞ୍ଜାମ ଗୁଡା

**ସ୍ୱଚ୍ଛ ସର୍ବେକ୍ଷଣ ୨୦୨୩**

ପିଡି ସଚ୍ଚିଦାନନ୍ଦ ନାୟକ ପୌରହିତ୍ୟ ଓ ହିଞ୍ଜିଳିକାଟୁ ପୌରାଞ୍ଚଳର କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ଼ ମନୋରଞ୍ଜନ ସାହୁଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମରେ ସ୍ୱଚ୍ଛ ସର୍ବେକ୍ଷଣରେ ସର୍ବ ଭାରତୀୟ ସ୍ତରରେ ସହରାଞ୍ଚଳ ଗୁଡିକର ସ୍ଥିତି ସମ୍ମାନଜନକ ରହିବ ସେ ଦିଗରେ ଉଦ୍ୟମ ପାଇଁ ଆଲୋଚନା ହୋଇଥିଲା। ସେପ୍ଟିପିର କାର୍ଯ୍ୟକାରିତା, ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ରଗୁଡ଼ିକର ଠିକ କାର୍ଯ୍ୟକାରିତା ଏବଂ ସୌନ୍ଦର୍ଯ୍ୟକରଣ, ସହରାଞ୍ଚଳର ସମସ୍ତ ପରିବାରରୁ ସମସ୍ତ ପ୍ରକାରର ଅଳିଆ ସଂଗ୍ରହ, ନିରନ୍ତର ପରିମଳ, ପରିମଳ କର୍ମଚାରୀଙ୍କ କଲ୍ୟାଣ ଆଦି ନେଇ ଆଲୋଚନା ହୋଇଥିଲା । ଜଳାଶୟ ଗୁଡିକ ସଫା କରିବା ସହ ସର୍ବ ଭାରତୀୟ ସ୍ତରରେ ଭଲ ମାର୍କ ପାଇଁ ଆଲୋଚନା ହୋଇଥିଲା । ହିଞ୍ଜିଳିକାଟୁ ପୌର କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



କାର୍ଯ୍ୟକ୍ରମରେ ଉପସ୍ଥିତ ଗୁଡା ପିଡି ଓ ଅନ୍ୟମାନେ।

## ଆମ୍ ଆଦମୀ ପାର୍ଟିର କାର୍ଯ୍ୟକର୍ତ୍ତା ସମ୍ମିଳନୀ

**ନୂଆଗଡ,୧୧।୧୧**

ଆମ୍ ଆଦମୀ ପାର୍ଟି ଗଜପତି ଜିଲା ତରଫରୁ ନୂଆଗଡ ବ୍ଲକ ଖଜୁରୀପଦାଠାରେ ମୋହନା ବିଧାନସଭା ନିର୍ବାଚନ ମଣ୍ଡଳୀ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମୋହନା ବିଧାନସଭା ପ୍ରଭାରୀ ଲିଙ୍ଗରାଜ ପାଣିଗ୍ରାହୀଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଯୋଶିୟ ରାଇକା ପରିଚାଳନା କରିଥିଲେ। ବୈଠକ ପୂର୍ବରୁ ଖଜୁରୀପଦା ସ୍ଥିତ ପୂର୍ତ୍ତ ବିଭାଗ ଡାକବଙ୍ଗଳା ଠାରୁ ବଡପଦା ପର୍ଯ୍ୟନ୍ତ ଏକ ପଦ ଯାତ୍ରା ଅନୁଷ୍ଠିତ ହୋଇଥିଲା । ଆଗାମୀ ଦୁଇ ମାସ ମଧ୍ୟରେ ମୋହନା ବିଧାନସଭା ନିର୍ବାଚନ ମଣ୍ଡଳୀର ନୂଆ ସାଥୀଙ୍କୁ ଯୋଡିବା ସହିତ ସମସ୍ତ ବ୍ଲକରେ କମିଟି ଗଠନ କରି ପଞ୍ଚାୟତ ଓ ବୁଥ ସ୍ତରରେ ସଙ୍ଗଠନ ମଜଭୁତ କରିବା ପାଇଁ ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲା ଆବାହକ ଶିଶିର କୁମାର ଭଞ୍ଜ ସାମନ୍ତ, ଗଞ୍ଜାମ ଜିଲା ଆବାହକ ସୁବାସ ଚନ୍ଦ୍ର ରାଉତ, ଗଞ୍ଜାମ ଜିଲା ଉପସଭାପତି ସୁଧୀର କୁମାର ପ୍ରଧାନ, ବ୍ରହ୍ମପୁର ଲୋକସଭା ସଂଗଠକ ସୁଜୟ ଆଚାର୍ଯ୍ୟ, ଶିଶିର ଆଚାର୍ଯ୍ୟ, ବ୍ରହ୍ମପୁର ନଗର ସଭାପତି ସି.ହରପ୍ରସାଦ, ଜିଲା କମିଟି ସଦସ୍ୟ ପାଇଲା ମୂରଲୀ କ୍ରିଷ୍ଣା, ଜିଲା କମିଟି ସଦସ୍ୟ କିଶୋର ଚନ୍ଦ୍ର ଗୁରୁ, ଗୁମ୍ମା ବ୍ଲକ ସଭାପତି ବୋୟାଜ ବେବର୍ତ୍ତା, ପାରଳାଖେମୁଣ୍ଡି ବିଧାନସଭା ପ୍ରଭାରୀ ବାବୁଲା ରଣା ପ୍ରମୁଖ ନେତୃବୃନ୍ଦ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ନୂଆଗଡ ବ୍ଲକ ସଭାପତି ଭାବେ ଯୋଶିୟ ରାଇକା, ସମ୍ପାଦକ ଯୋଥାମ ପାଣି, ନୂଆଗଡ ବ୍ଲକ ଅଧ୍ୟକ୍ଷ ଭାବେ ଯଦୁସୁନ୍ଦର ଗାଣ୍ଟା, ବଡପଦା ପଞ୍ଚାୟତ ସଭାପତି ଭାବେ ରଶ୍ମିରଞ୍ଜନ ରାଉଳ ଓ ମହେନ୍ଦ୍ରଗଡ ପଞ୍ଚାୟତ ସଭାପତି ଭାବେ ବାରିକ ମଲ୍ଲିକଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା।

## ଓଜେଏସ୍‌ରେ କିସ୍ ଛାତ୍ରଙ୍କ ସଫଳତା

# ୪୫ ତମ ର୍‍ୟାଙ୍କରେ ସାଧକ କାର୍ଜୀ

**ଭୁବନେଶ୍ୱର, ୧୧।୧୧(ବ୍ୟୁରୋ)**

ଓପିଏସ୍‌ସି ଦ୍ୱାରା ପରିଚାଳିତ ଓଜେଏସ୍-୨୦୨୧ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଥିବା ବେଳେ ଏଥିରେ ମୋଟ ୫୦ ଜଣ କୃତକାର୍ଯ୍ୟ ହୋଇଛନ୍ତି। ଏଥିରେ ପ୍ରଥମଥର ପାଇଁ କିସ୍‌ର ଛାତ୍ର ସାଧକ କାର୍ଜୀ ସଫଳତା ହାସଲ କରିଛନ୍ତି। ସେ ୪୫ତମ ର୍‍ୟାଙ୍କରେ ରହି କିସ୍ ଓ ଜନଜାତି ପାଇଁ ଗୌରବ ଆଣି ଦେଇଛନ୍ତି। ସାଧକ ଗଜପତି ଜିଲାର ସଉରା ଜନଜାତି ପରିବାରର ପିଲା ହୋଇଥିବା ବେଳେ ୨୦୧୪ରେ ସେ କିସ୍‌ରେ ନାମ ଲେଖାଇଥିଲେ। କିସ୍‌ରେ ଛାତ୍ରୀଛାତ୍ର କିଟ୍ ବିଶ୍ୱବିଦ୍ୟାଳୟର ବିଭିନ୍ନ ପାଠ୍ୟକ୍ରମରେ ବିନା ଦେୟରେ ପାଠ ପଢ଼ିବାର ବ୍ୟବସ୍ଥା ରହିଛି। ସାଧକ କିସରୁ ଯୁକ୍ତ୨ ଶେଷ କରିବା ପରେ କିଟ୍ ଲ' ସ୍କୁଲରେ ୨୦୧୬ରେ ନାମ ଲେଖାଇଥିଲେ। ଗତବର୍ଷ ସେ ଆଇନ୍ ପଢ଼ା ଶେଷ କରିବା ପରେ ଓଜେଏସ୍ ପରୀକ୍ଷା ଦେଇଥିଲେ। ସାଧକଙ୍କ ସଫଳତାରେ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଆନନ୍ଦ ପ୍ରକାଶ କରିବା ସହ କିସ୍‌ର ଛାତ୍ରୀଛାତ୍ର ବିଚାର ବିଭାଗୀୟ ଅଧିକାରୀ ହେବାର ମୋର ଯେଉଁ ସ୍ୱପ୍ନ ଥିଲା ସାଧକ ଓଜେଏସ୍ ପାଇବା ପରେ ସେହି ସ୍ୱପ୍ନ ପୂରଣ ହୋଇଛି ବୋଲି କହିଛନ୍ତି। ପୂର୍ବରୁ କିସ୍‌ରେ ଛାତ୍ରୀଛାତ୍ର ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇଆସୁଥିବାବେଳେ ପ୍ରଥମଥର ଓଜେଏସ୍ ପରୀକ୍ଷାରେ ସାଧକ କୃତକାର୍ଯ୍ୟ ହୋଇଛନ୍ତି।


ସାଧକ କାର୍ଜୀ

# ଦାରିଙ୍ଗବାଡ଼ିରେ ମାଣ୍ଡିଆ ଦିବସ

**ଦାରିଙ୍ଗବାଡି,୧୧।୧୧(ଡି.ଏନ.ଏ)**

ସାରା ରାଜ୍ୟ ମାର୍ଗଶିର ମାସ ପ୍ରଥମ ଗୁରୁବାରକୁ ମାଣ୍ଡିଆ ଦିବସ ଭାବେ ପାଳନ କରୁଛି। ଏହି କ୍ରମରେ କନ୍ଧମାଳ ଜିଲା ଦାରିଙ୍ଗବାଡି ପଥପ୍ରାନ୍ତ ସୋକେନ୍ଦ୍ରଠାରେ ଏହି ଦିବସ ପାଳନ କରାଯାଇଛି। କାର୍ଯ୍ୟକ୍ରମକୁ ଜାଗୃତି ସମ୍ପାଦକ କୈଳାସ ଚନ୍ଦ୍ର ଦଣ୍ଡପାଟ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ସାଲୁଗା ପ୍ରଧାନ, ଅନ୍ୟତମ ଅତିଥି ଭାବେ ବିଡିଓ ଗଦାଧର ପାତ୍ର, ତହସିଲଦାର ଡ. ଅଶୋକ କୁମାର ଦାସ, ସହକାରୀ କୃଷି ଅଧିକାରୀ କ୍ଷିତୀ ବିଳାସ ବେହେରା, ଗୋଷ୍ଠୀ କୃଷି ଅଧିକାରୀ ବୃନ୍ଦାବନ ବେହେରା, ସରପଞ୍ଚ ଚନ୍ଦ୍ରିକା ମଲିକ, ସମିତିସଭ୍ୟ କାଳିପ୍ରସାଦ ମଲିକ ପ୍ରମୁଖ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। କ୍ଷୁଦ୍ରଦାନା ଶସ୍ୟର ପୁନରୁଦ୍ଧାର ୨୦୧୭ରୁ କରାଯାଉଥିବା ବେଳେ ଏବେ ରାଜ୍ୟ ସରକାର ଏହାର ବିକ୍ରି ଦରକୁ ସ୍ଥିର କରି କିଲୋ ପିଛା ଟ ୩୫.୭୮ପଇସା କରିଛନ୍ତି। ଫଳରେ ଚାଷୀ ଏହାର ଫାଇଦା ନେବା ସହ ନିଜେ ଖାଦ୍ୟ ଭାବେ ଗ୍ରହଣ କରିବା ସହ ବିକ୍ରି କରି ଦି 'ପଇସା ରୋଜଗାରକ୍ଷମ ହୋଇପାରିଛନ୍ତି। ମାଣ୍ଡିଆରେ ରହୁଥିବା ତନ୍ତୁ ଅପପୁଷ୍ଟି ରୋକିବାରେ ସହାୟତା କରିବା ସହ ମଣିଷ ଶରୀରରୁ ରାସାୟନିକ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ନଷ୍ଟ କରୁଛି। ରକ୍ତଚାପ, ଡାଇବେଟିସ ଭଳି ଭୟଙ୍କର ରୋଗରୁ ରକ୍ଷା ମିଳୁଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ସମସ୍ତ ଉପସ୍ଥିତ ଚାଷୀଙ୍କୁ ମାଣ୍ଡିଆ ସମେତ ହଳଦୀ, କାଙ୍ଗୁ, କୁଇରୀକୁ ପ୍ରଚୁର ଚାଷ କରି ପର୍ଯ୍ୟଟକଙ୍କୁ ବିକ୍ରି କରିବା ସହ ଜିଲା ବାହାରକୁ ମଧ୍ୟ ବିକ୍ରି କରିବାକୁ ପରାମର୍ଶ ଦେଇଛନ୍ତି। ଜୈବିକପଦ୍ଧତିରେ ଏହି ଚାଷକରିବା ଏବଂ ଏହି ସବୁ ଚାଷରେ ରାସାୟନିକ ପ୍ରୟୋଗ ନ କରିବାକୁ ପରାମର୍ଶ ଦେଇଛନ୍ତି। କାର୍ଯ୍ୟକ୍ରମକୁ ମିଲେଟ ମିଶନର ପ୍ରକଳ୍ପ ସଂଯୋଜକ ମହେନ୍ଦ୍ର ପରିଙ୍କ ସମେତ ଦେବାନନ୍ଦ ଦାସ, ମନୋଜ ନାୟକ, ରତିକାନ୍ତ ପଟ୍ଟନାୟକ, ଧନେଶ୍ୱର ସାହୁ, ପ୍ରମୁଖ ପରିଚାଳନା କରିଥିଲେ।

# ସୋରଡ଼ା ସ୍ୱାସ୍ଥ୍ୟ ବିଭାଗର ୯ ଜଣଙ୍କୁ କାୟାକଳ୍ପ ପୁରସ୍କାର



ପୁରସ୍କୃତ କରାଯାଉଛି।

**ସୋରଡା,୧୧।୧୧(ଡି.ଏନ୍.ଏ.)**

କେନ୍ଦ୍ର ସରକାରଙ୍କ ସ୍ୱଚ୍ଛ ଭାରତ ଯୋଜନା ଅଧୀନ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅନ୍ତର୍ଗତ କାୟାକଳ୍ପ ଯୋଜନାର ଗଞ୍ଜାମ ଜିଲାସ୍ତରୀୟ ଅଭିନନ୍ଦନ ସମାରୋହ ବ୍ରହ୍ମପୁରର ସ୍ୱର୍ଣ୍ଣ ଜୟନ୍ତୀ ଟାଉନ ହଲ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦିବ୍ୟଜ୍ୟୋତି ପରିଡା ମୁଖ୍ୟ ଭାବେ ଯୋଗଦେଇ ସୋରଡା ବ୍ଲକର ସ୍ୱାସ୍ଥ୍ୟ ବିଭାଗର ୯ ଜଣଙ୍କୁ ପୁରସ୍କାର ଦେଇ ସମ୍ମାନିତ କରିଛନ୍ତି। କାର୍ଯ୍ୟକ୍ରମରେ ଜିଲା ସ୍ୱାସ୍ଥ୍ୟ ବିଭାଗର ସମସ୍ତ ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ। କୟାକଳ୍ପ ଯୋଜନାରେ ସଂକ୍ରମଣ ନିୟନ୍ତ୍ରଣ, ନଷ୍ଟ ପଦାର୍ଥ ପରିଚାଳନା, ସହଯୋଗ ସେବା, ସାସ୍ଥ୍ୟରକ୍ଷା ସେବା, ଉତ୍ତମ ପରିଚାଳନା, ସୌନ୍ଦର୍ଯ୍ୟକାରଣ, ସୁସ୍ଥ ବାତାବରଣ,ପରିବେଶକୁ ମାନଦଣ୍ଡ ଭାବେ ବିଚାର କରାଯାଇ ପୁରସ୍କାର ପ୍ରଦାନ ବ୍ୟବସ୍ଥା କରାଯାଇଥାଏ। ସେହି କ୍ରମରେ ସୋରଡା ଡାକ୍ତର ସନ୍ତୋଷ କୁମାର ପଣ୍ଡା, ବଡ଼ଗଡ଼ ଡାକ୍ତରଖାନା ଡାକ୍ତର ତରୁଣ କୁମାର ବିଶ୍ୱାଳ, ଡାକ୍ତର ପ୍ରେମାନନ୍ଦ ତ୍ରିପାଠୀ, ଗାଜଲବାଡି ଫାର୍ମାସିଷ୍ଟ ସତ୍ୟଜିତ ବେହେରା, ବଡବଦାଙ୍ଗୀ ପବିତ୍ର ମୋହନ ପଣ୍ଡା, ସୋରଡ଼ା ସୁନୀଲ କୁମାର ସାମନ୍ତରାୟ, ବଡଗଡ ଜିତେନ୍ଦ୍ର କୁମାର ପଣ୍ଡା, ଗଉଡଗୋଠ କେଦାର ପ୍ରସାଦ ହୋତା, ସ୍ୱାସ୍ଥ୍ୟକର୍ମୀ ସୁଜାତା ରାଣୀ ଶୁବୁଦ୍ଧି ପ୍ରମୁଖଙ୍କୁ ଜିଲାପାଳ ସମ୍ମାନିତ କରିଛନ୍ତି।

## ବ୍ଲକସ୍ତରୀୟ କଳାକାର ଭତ୍ତା ଚୟନ ଚିହ୍ନଟ ଶିବିର

ଚିକିଟି,୧୧।୧୧(ଡି.ଏନ.ଏ.)- ଚିକିଟି ବ୍ଲକ କାର୍ଯ୍ୟାଳୟ ପରିସରରେ ଶୁକ୍ରବାରେ ବ୍ଲକସ୍ତରୀୟ କଳାକାର ଭତ୍ତା ଚୟନ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଥିଲା। ବ୍ଲକ ଅଧ୍ୟକ୍ଷ ଅପନା ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆୟୋଜିତ ଶିବିରରେ ମୁଖ୍ୟଅତିଥି ଭାବେ ଚିକିଟି ବିଡିଓ ହଳଧର ଶବର ଯୋଗଦେଇ ଏହି ଯୋଜନା ରାଜ୍ୟସରକାର କଳାକାରମାନଙ୍କ ପାଇଁ ଭତ୍ତା ପାଇବା ସକାଶେ ୨୦୧୯ ଜାନୁଆରୀରେ ଆରମ୍ଭ କରିଥିଲେ। ସେଥିରୁ କିଛି କଳାକାର ଭତ୍ତା ପାଇବାରୁ ବଞ୍ଚିତ ହେବାରୁ ବ୍ଲକ ସ୍ତରରେ ଏହି ଚିହ୍ନଟ ଶିବିର ହାତକୁ ନିଆଯାଇଥିବା କହିଥିଲେ। ଉକ୍ତ ଶିବିରରେ ୧୭ ପଞ୍ଚାୟତର ବିଭିନ୍ନ ଗ୍ରାମାଞ୍ଚଳରୁ ୧୧୪ କଳାକାର ଆବେଦନ କରିଥିବା ବେଳେ ସେଥିରୁ ୯୫ କଳାକାର ଚୟନକରି ଯୋଗଦେଇଥିବା ଅଞ୍ଚଳର ବରିଷ୍ଠ କଳାକାର କୃତିବାସ ପଣ୍ଡା, ସ୍ୱପ୍ନେଶ୍ୱର ପ୍ରଧାନଙ୍କ ଉପସ୍ଥିତିରେ ନିଜ ନିଜର କଳା ପ୍ରଦର୍ଶନ କରିଥିଲେ। ଉକ୍ତ କଳାକାରମାନଙ୍କୁ ଜିଲାସ୍ତର ପାଇଁ ମନୋନୀତ ହୋଇଥିବା ବ୍ଲକ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି।

# ଟିବିମୁକ୍ତ ଭାରତ ଅଭିଯାନ

**ଗଞ୍ଜାମ,୧୧।୧୧(ଡି.ଏନ.ଏ.)**

ଗଞ୍ଜାମ ବ୍ଲକ ଅନ୍ତର୍ଗତ ଖଣ୍ଡଦେଉଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଆହ୍ୱାନକ୍ରମେ ଶୁକ୍ରବାର ପ୍ରଧାନମନ୍ତ୍ରୀ ଟିବିମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ସୌମ୍ୟକାନ୍ତ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଟିବି ଜିଲା ଗୋଷ୍ଠୀ ସଂଯୋଜକ ବିଦେଶୀ ଜେନା, ଗ୍ରାସୀମ କମ୍ପାନୀ ଜେନେରାଲ ମ୍ୟାନେଜର ରବୀନ୍ଦ୍ର କୁମାର ମହାନ୍ତି, ସିନିୟର ଟେକ୍ନିକାଲ ସୁପରଭାଇଜର ପ୍ରଭୁଦତ୍ତ ଶତପଥୀ, ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ସରୋଜ କୁମାର ମହାନ୍ତି, ପିଏଚଇଓ ସଂଯୁକ୍ତା ଜେନା ପ୍ରମୁଖ ଯୋଗଦେଇ ଟିବି ରୋଗୀଙ୍କୁ ଚିହ୍ନଟ କରି ସେମାନଙ୍କୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରଦତ୍ତ ନିଶୁଳ୍କ ଚିକିତ୍ସା ପ୍ରଦାନ କରାଯାଇ ୨୦୨୫ ସୁଦ୍ଧା ଗଞ୍ଜାମ ବ୍ଲକକୁ ଟିବିମୁକ୍ତ କରିବାନେଇ ଆହ୍ୱାନ ଦେଇଥିଲେ। ଟିବି ରୋଗୀମାନଙ୍କୁ ସରକାରଙ୍କ ତରଫରୁ ପୋଷଣ ଖାଦ୍ୟ ବାବଦରେ ପ୍ରତି ମାସରେ ୫ଶହ ଟଙ୍କା ଲେଖାଏ ପ୍ରଦାନ କରାଯାଉଥିବା ବେଳେ ଆଶା କର୍ମୀଙ୍କ ଦ୍ୱାରା ରୋଗୀଙ୍କୁ ସେବା ଯୋଗାଇ ଦିଆଯାଉଥିବା ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ଗଞ୍ଜାମ ବ୍ଲକର ୫୦ ଜଣ ରୋଗୀଙ୍କୁ ପୋଷଣ ଯୁକ୍ତ ଖାଦ୍ୟ ସାମଗ୍ରୀ ପ୍ରଦାନ କରାଯାଇଥିଲା। ଆଗାମୀ ୬ମାସ ପର୍ଯ୍ୟନ୍ତ ଉକ୍ତ ଖାଦ୍ୟ ସାମଗ୍ରୀ ପ୍ରଦାନ କରାଯିବ ଏବଂ ଗଞ୍ଜାମ ବ୍ଲକରେ ରହିଥିବା ଆଉ ୫୦ ଜଣ ରୋଗୀଙ୍କୁ ଆଗାମୀ ଦିନରେ ୬ମାସ ପର୍ଯ୍ୟନ୍ତ ପ୍ରତି ମାସରେ ପୋଷଣ ଯୁକ୍ତ ଖାଦ୍ୟ ସାମଗ୍ରୀ ଯୋଗାଇ ଦିଆଯିବ ବୋଲି ଗ୍ରାସୀମ କମ୍ପାନୀ ଜେନେରାଲ ମ୍ୟାନେଜର ମହାନ୍ତି ପ୍ରକାଶ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଆଶାକର୍ମୀ, ଏଏନଏମ, ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ର ଷ୍ଟାଫ ଓ ଅନ୍ୟମାନେ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ।

# ଥାନାର ଦ୍ୱାରସ୍ଥ ହେଲେ ମହିଳା

## ଆକ୍ରମଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି

ଯାଜପୁର ଟାଉନ,୧୧।୧୧(ଡି.ଏନ.ଏ.)

ମରଣାନ୍ତକ ଆକ୍ରମଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହିତ ଗ୍ରାମରେ ଶାନ୍ତିବଜାୟ ରଖିବା ପାଇଁ ମହିଳାମାନେ ଶୁକ୍ରବାର ଯାଜପୁର ଥାନା ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ଅନୁଯାୟୀ, ଯାଜପୁର ବ୍ଲକ୍ ଅନ୍ତର୍ଗତ ସୁନାସୁଆର ପଞ୍ଚାୟତ ଛବାଟି ଗ୍ରାମର ଜଣେ ମହିଳା ଗୁରୁବାର ଅପରାହ୍ଣରେ ନିକଟସ୍ଥ କେନାଲ ବନ୍ଧରେ ବସିଥିବା ସମୟରେ ସେହି ଗ୍ରାମର ଜଣେ ବ୍ୟକ୍ତି ଏକ ମାରଣାସ୍ତ୍ର ଧରି ମହିଳାଙ୍କ ପାଖକୁ ଦୌଡି ଆସିଥିଲେ। ମହିଳା ଏହାର ବିରୋଧ କରିବାରୁ ସେ ବିଭିନ୍ନ ଅଶ୍ଳୀଳ ଭାଷାରେ ତାଙ୍କୁ ଗାଳିଗୁଲଜ କରିବା ସହ ହାତରେ ଧରିଥିବା ମାରଣାସ୍ତ୍ର ସାହାଯ୍ୟରେ ମହିଳାଙ୍କ ହାତ ଓ ବେକର ଶିର କାଟି ଦେଇ କେନାଲରେ ଠେଲି ଦେଇଥିଲେ। ମହିଳାଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଆସି ତାଙ୍କୁ ଉଦ୍ଧାର କରି ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତାଙ୍କ ଅବସ୍ଥା ସଙ୍କଟାପନ୍ନ ଅଛି। ମହିଳାମାନେ ଥାନାରେ ପହଞ୍ଚି ଆକ୍ରମଣ କରିଥିବା ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଲିଖିତ ଦାବି କରିବା ସହ ଉକ୍ତ ଆକ୍ରମଣକାରୀ ବିଭିନ୍ନ ସମୟରେ ଗ୍ରାମରେ ଆତଙ୍କରାଜ ସୃଷ୍ଟି କରୁଛନ୍ତି ବୋଲି ପୋଲିସ ସମ୍ମୁଖରେ କହିଛନ୍ତି। ଗ୍ରାମର ପୁରୁଷମାନେ ଦୈନନ୍ଦିନ କାର୍ଯ୍ୟ ପାଇଁ ବାହାରକୁ ବାହାରି ଯିବା ପରେ ଆକ୍ରମଣକାରୀ ମହିଳାଙ୍କ ପ୍ରତି ଅକଥନୀୟ ଅତ୍ୟାଚାର ଆରମ୍ଭ କରିଦେଉଛନ୍ତି। ସ୍ଥାନୀୟ ଜନପ୍ରତିନିଧି ଏହାର ସମାଧାନ ପାଇଁ ଚାହିଁଥିଲେ ହେଁ ଆକ୍ରମଣକାରୀ ଜନପ୍ରତିନିଧିଙ୍କ କଥାକୁ ନମାନି ଆତଙ୍କରାଜ ବଜାୟ ରଖିଛନ୍ତି ବୋଲି ମହିଳାମାନେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଅନ୍ୟପକ୍ଷରେ ଆକ୍ରମଣକାରୀଙ୍କୁ ପୋଲିସ ଗିରଫ କରିଛି ବୋଲି ସୂଚନା ମିଳିଛି।


ଯାଜପୁର ଥାନାକୁ ଅଭିଯୋଗ କରିବାକୁ ଆସିଥିବା ମହିଳାମାନେ।

# ଦୁର୍ଗାପ୍ରସାଦ ପଣ୍ଡା ପାଇଲେ ଓଜେଏସ୍

ଧର୍ମଶାଳା,୧୧।୧୧(ଡି.ଏନ.ଏ.)

ଶୁକ୍ରବାର ପ୍ରକାଶ ପାଇଥିବା ଓଡ଼ିଶା ଜୁଡିସିଆଲ୍ ସର୍ଭିସ(ଓଜେଏସ୍) ପରୀକ୍ଷାରେ ଧର୍ମଶାଳା ବ୍ଲକ ଅଧୀନ କାଏମା ପଞ୍ଚାୟତ ବମ୍ଫୁ ଅଞ୍ଚଳର ଆଇନଜୀବୀ ସୁରେନ୍ଦ୍ର ପଣ୍ଡାଙ୍କ ପୁତ୍ର ଦୁର୍ଗା ପ୍ରସାଦ ପଣ୍ଡା ୧୨ତମ ର୍ୟାଙ୍କରେ ଉତ୍ତୀର୍ଣ୍ଣ ହୋଇ ସଫଳତା ହାସଲ କରିଛନ୍ତି। ସେ ପ୍ରଥମ କରି ଏହି ପରୀକ୍ଷାରେ ଭାଗ ନେଇଥିଲେ। ପଣ୍ଡା ତାଙ୍କ ସଫଳତାର ଶ୍ରେୟ ବାପା,ମା', ବଡ଼ବାପା ତଥା ଅବସରପ୍ରାପ୍ତ ଜଜ୍ ଗୟାଧର ପଣ୍ଡା ଓ ତାଙ୍କୁ କୋଚ ଦେଇଥିବା ଶିକ୍ଷକମାନଙ୍କୁ ଦେଇଛନ୍ତି। ଅନ୍ୟପକ୍ଷରେ ଓଜେଏସ୍ ପାଇବା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।


ଦୁର୍ଗା ପ୍ରସାଦ ପଣ୍ଡା।

# ଓଜେଏସ୍ ପରୀକ୍ଷାରେ ୩୨ତମ ସ୍ଥାନରେ ଅନିମେଶ

ଚଣ୍ଡିଖୋଲ,୧୧।୧୧(ଡି.ଏନ.ଏ.)

ବଡ଼ଚଣା ବ୍ଲକ ଅନ୍ତର୍ଗତ ଚାରିନଙ୍ଗଳ ଗ୍ରାମର ଅନିମେଶ ସାମଲ ଶୁକ୍ରବାର ପ୍ରକାଶ ପାଇଥିବା ଓଡ଼ିଶା ଜୁଡିସିଆଲ ସର୍ଭିସ (ଓଜେଏସ୍) ପରୀକ୍ଷାରେ ସଫଳତା ହାସଲ କରିଛନ୍ତି। ସେ ଉତ୍ତିର୍ଣ୍ଣ ହୋଇଥିବା ୫୦ଜଣଙ୍କ ମଧ୍ୟରୁ ୩୨ତମ ସ୍ଥାନରେ ରହିଛନ୍ତି। ଚଣ୍ଡିଖୋଲସ୍ଥିତ ବାବା ଭୈରବା ନନ୍ଦ ମହାବିଦ୍ୟାଳୟର ଗଣିତ ବିଭାଗ ମୁଖ୍ୟ ପ୍ରାଧାପକ ବିଜୟ କୁମାର ସାମଲଙ୍କ ପୁତ୍ର ଅନିମେଶ ୨ୟ ପ୍ରୟାସରେ ପରୀକ୍ଷାରେ ଏହି ସଫଳତା ହାସଲ କରିଛନ୍ତି। ଏବେ ଅନିମେଶ ଓଡ଼ିଶା ହାଇକୋର୍ଟରେ ଏଏସ୍ଓ ଭାବେ କାର୍ଯ୍ୟରତ ଅଛନ୍ତି। ସେ ଓଜେଏସ ପରୀକ୍ଷାରେ ସଫଳତା ହାସଲ କରିଥିବାରୁ ଚଣ୍ଡିଖୋଲ କୋର୍ଟ ବାର ଆସୋସିଏସନ ପକ୍ଷରୁ ସମସ୍ତ ଆଇନୀଜୀବ ତାଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି।


ଅନିମେଶ ସାମଲ

## ସଂକ୍ଷେପରେ

### ବାପା, ମା'ଙ୍କୁ ମାଡ଼ ମାରି ଜେଲ୍ ଗଲେ ପୁଅ

ପାଣିକୋଇଲି,୧୧।୧୧(ଡି.ଏନ.ଏ.): ପାଣିକୋଇଲି ପୋଲିସ ବାପା' ଓ ମା'ଙ୍କୁ ମରଣାନ୍ତକ ଆକ୍ରମଣ ମାମଲାରେ ପୁଅଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ରଗଡିସ୍ଥିତ ଯାଜପୁରରୋଡ ଉପକାରଗାରକୁ ପଠାଇ ଦିଆଯାଇଛି। ସେ ହେଲେ ପାଣିକୋଇଲି ଥାନା ତଥା ଶଙ୍ଖଚିଲା ଫାଣ୍ଡି ଅନ୍ତର୍ଗତ ତଣ୍ଡରା ଗ୍ରାମର କାହ୍ନୁଚରଣ କରଙ୍କ ପୁଅ ବାମଦେବ(୪୫)। ଅକ୍ଟୋବର ୩୦ ତାରିଖ ତାରିଖରେ ବାମଦେବ ତାଙ୍କ ବାପା ଓ ମା'ଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏନେଇ କାହ୍ନୁ ପାଣିକୋଇଲି ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ନଂ.୨୫୧/୨୨ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୋଗ ମୁତାବକ, ବାମଦେବ ଏକ ଟାଙ୍ଗିଆରେ ତାଙ୍କ ବାପା ଓ ମା'ଙ୍କୁ ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିଲେ। ସେମାନଙ୍କ ଶରୀରରେ ବିଭିନ୍ନ ସ୍ଥାନରେ କ୍ଷତ ହୋଇଥିଲା। ତେବେ ଗାଁ ଲୋକ ପହଞ୍ଚି ଯିବାରୁ ସ୍ୱାମୀସ୍ତ୍ରୀ ବର୍ତ୍ତି ଯାଇଥିଲେ।

### ମାଙ୍କଡ଼ ଆକ୍ରମଣରେ ବ୍ୟବସାୟୀ ଗୁରୁତର

ରସୁଲପୁର,୧୧।୧୧(ଡି.ଏନ.ଏ.): ରସୁଲପୁର ବ୍ଲକ ଅନ୍ତର୍ଗତ କଲଣ ବଜାରଠାରେ ମାଙ୍କଡ଼ ଆକ୍ରମଣରେ ଯୁବ ବ୍ୟବସାୟୀ ଧର୍ମେନ୍ଦ୍ର ସାମଲ(୪୯)ଗୁରୁତର ହୋଇଛନ୍ତି। ତାଙ୍କୁ ସ୍ଥାନୀୟ ବଜାରର ଲୋକେ ଉଦ୍ଧାରକରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଆହତ ବ୍ୟବସାୟୀଙ୍କ ଘର ଧର୍ମଶାଳା ଥାନା ଅନ୍ତର୍ଗତ କୁମାରୀ ପଞ୍ଚାୟତରେ ବୋଲି ଜଣାପଡିଛି। ଶୁକ୍ରବାର ପୂର୍ବାହ୍ଣ ସାଢେ ୧୦ଟାରେ ଧର୍ମେନ୍ଦ୍ର କୌଣସି ଏକ ବ୍ୟକ୍ତିଗତ କାର୍ଯ୍ୟରେ କଲଣ ବଜାରକୁ ଆସିଥିଲେ। ସେ ବାଇକ୍‌ରେ ବଜାର ଭିତରକୁ ପ୍ରବେଶ କରୁଥିବା ସମୟରେ ରାସ୍ତା କଡ଼ରେ ଥିବା ଏକ ଗଛରୁ ପଲେ ମାଙ୍କଡ଼ ତାଙ୍କ ବାଇକ ଉପରକୁ କୁଦା ମାରିଥିଲେ। ଫଳରେ ସେ ଓ ଗୋଟିଏ ମାଙ୍କଡ ଘଟଣା ସ୍ଥଳରେ ପଡିଯାଇଥିଲେ। ଏହାଦେଖି ମାଙ୍କଡ଼ପଲ ଧର୍ମେନ୍ଦ୍ରଙ୍କ ଉପରକୁ ଡେଇଁବା ସହ ୪ଟି ମାଙ୍କଡ ତାଙ୍କୁ ଜଗି ରହିଥିଲେ। କିଛି ସମୟପରେ ଆହତ ମାଙ୍କଡ଼ଟି ଗଛ ଉପରକୁ ଚଢି ଯାଇଥିଲା। ହେଲେ ମାଙ୍କଡ଼ପଲ ଧର୍ମେନ୍ଦ୍ରଙ୍କୁ ଛାଡ଼ି ନ ଥିଲେ। ତାଙ୍କ ମୁଣ୍ଡ, ଛାତି ଓ ଦୁଇଗୋଡ଼ରେ ଗଭୀର ଆଘାତ ଲାଗିଛି।

# ଜାଗା ମିଶନକୁ କାର୍ଯ୍ୟକାରୀ କରିବ ଟାଟା ଷ୍ଟିଲ୍ ଫାଉଣ୍ଡେଶନ

ଯାଜପୁର ଅଫିସ, ୧୧।୧୧

ଓଡ଼ିଶାର ୫ ମହାନଗର ନିଗମରେ ଜାଗା ମିଶନକୁ କାର୍ଯ୍ୟକାରୀ କରିବା ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ଟାଟା ଷ୍ଟିଲ୍ ଫାଉଣ୍ଡେଶନ୍ ସହିତ ଶୁକ୍ରବାର ଏକ ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଛି। ଦୁଇ ବର୍ଷିଆ ସହଭାଗିତାର ଅଂଶବିଶେଷ ଭାବେ ଫାଉଣ୍ଡେଶନ ଏବଂ ଓଡ଼ିଶା ସରକାର ୧,୧୧୦ ବସ୍ତି ଅଞ୍ଚଳର ପ୍ରାୟ ୨,୫୦,୦୦୦ ପରିବାରକୁ ଭୂମି ଅଧିକାର ଦେବା ପାଇଁ ମିଳିତ ଭାବେ କାର୍ଯ୍ୟ କରିବେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଭୁବନେଶ୍ୱରସ୍ଥିତ କିଟ୍ ଅଡିଟୋରିୟମ୍‌ରେ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଜି. ମାଥିଭାଥନନ୍ ଓ ଟାଟା ଷ୍ଟିଲ୍ ଫାଉଣ୍ଡେଶନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୌରଭ ରାୟ ଏହି ଚୁକ୍ତିନାମାକୁ ସ୍ୱାକ୍ଷର କରିଥିଲେ। ଏହି ଅବସରରେ ଟାଟା ଷ୍ଟିଲ୍ ଫାଉଣ୍ଡେଶନର ନିର୍ଦ୍ଦେଶକ ଚାଣକ୍ୟ ଚୌଧୁରୀଙ୍କ ସମେତ ଅନ୍ୟ ସରକାରୀ ଅଧିକାରୀ ଓ ଫାଉଣ୍ଡେଶନର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ସମ୍ବଲପୁର, ରାଉରକେଲା, ବ୍ରହ୍ମପୁର, କଟକ ଓ ଭୁବନେଶ୍ୱର ମହାନଗର ନିଗମ ମଧ୍ୟରେ ଥିବା ବିକଶିତ ଅଞ୍ଚଳ ଭଳି ବସ୍ତି ଅଞ୍ଚଳବାସୀଙ୍କୁ ମଧ୍ୟ ସମାନ ନାଗରିକ ଭିତ୍ତିଭୂମି ଓ ସେବା ସହିତ ରହିବା ଯୋଗ୍ୟ ବାସସ୍ଥଳୀରେ ରୂପାନ୍ତରିତ କରାଯିବ। ଏହି ଅବସରରେ ଚାଣକ୍ୟ ଚୌଧୁରୀ କହିଛନ୍ତି ଯେ, ସ୍ୱାସ୍ଥ୍ୟ, ଶିକ୍ଷା ଓ ଦକ୍ଷତା ବିକାଶ ଭଳି କ୍ଷେତ୍ରରେ ଓଡ଼ିଶାରେ ବଡ଼ଧରଣର ପରିବର୍ତ୍ତନ ମଡେଲକୁ କାର୍ଯ୍ୟକାରୀ କରିବା ପାଇଁ ଉଦ୍ଦିଷ୍ଟ ପ୍ରକଳ୍ପଗୁଡ଼ିକରେ ନିଜର ଉପସ୍ଥିତିକୁ ଅଧିକ ତ୍ୱରାନ୍ୱିତ କରିବାକୁ ଚାହୁଁଛୁ। ନିଜର କାର୍ଯ୍ୟପ୍ରଣାଳୀ, ନୂତନ ପରିଚାଳନା ପଦ୍ଧତି, ଅଧ୍ୟୟନ ଓ ପରିଚାଳନାଗତ ବ୍ୟବସ୍ଥାରେ ନିୟମିତ ପରିବର୍ତ୍ତନ ଆଣି ଆଗାମୀ ଦିନରେ ଓଡ଼ିଶାର ପ୍ରଗତିରେ ଏକ ପ୍ରମୁଖ ସହଭାଗୀ ଭାବେ ଉଭା ହେବାକୁ ଲକ୍ଷ୍ୟ ରଖାଯାଇଛି। ଜାଗା ମିଶନ ପ୍ରକଳ୍ପ ଅନ୍ତର୍ଗତ ଯୋଗ୍ୟ ବସ୍ତିବାସିନ୍ଦାଙ୍କୁ ଭୂମି ଅଧିକାର ପ୍ରଦାନ କରାଯିବା ସହିତ ସଡ଼କ, ଡ୍ରେନ୍, ଷ୍ଟ୍ରିଟ୍‌ଲାଇଟ୍, ପରିମଳ ଏବଂ ବିଶୁଦ୍ଧ ପାନୀୟ ଜଳଯୋଗାଣ ଭଳି ବ୍ୟକ୍ତିଗତ ଭିତ୍ତିଭୂମିକୁ ଉନ୍ନତମାନର କରାଯିବ। ଏହାସହିତ ଫାଉଣ୍ଡେଶନ ପକ୍ଷରୁ ଡ୍ରୋନ୍ ସର୍ବେକ୍ଷଣ, ବସ୍ତି ମ୍ୟାପିଂ, ସାମଗ୍ରିକ ବାସସ୍ଥଳୀ ଯୋଜନା ଏବଂ ଆବାସିକ ଓ ସାଧାରଣ ବ୍ୟବହୃତ ସ୍ଥଳୀର ଡିଜାଇନ୍ ପାଇଁ ବୈଷୟିକ ସହାୟତା ଯୋଗାଇ ଦିଆଯିବ ବୋଲି ଚୌଧୁରୀ କହିଛନ୍ତି।


ଏମ୍ଓୟୁ ସ୍ୱାକ୍ଷର ହେଉଛି।

# ଆରକ୍ଷୀ ଅଧୀକ୍ଷକଙ୍କୁ ଅଭିଯୋଗ କଲେ ପୀଡ଼ିତା

## ଆକ୍ରମଣକାରୀଙ୍କୁ ଘଣ୍ଟା ଘୋଡ଼ାଉଛି ପୋଲିସ

ପାଣିକୋଇଲି,୧୧।୧୧(ଡି.ଏନ.ଏ.)

ଏକ ମରଣାନ୍ତକ ଆକ୍ରମଣ ସହ ଦୋକାନ ଭଙ୍ଗାରୁଜା ଘଟଣାରେ ସୁକିନ୍ଦା ପୋଲିସ ନ୍ୟାୟ ଦେବା ପରିବର୍ତ୍ତେ ଅଭିଯୁକ୍ତଙ୍କୁ ଘଣ୍ଟ ଘୋଡ଼ାଉଛି। ଏନେଇ ଶୁକ୍ରବାର ପାଣିକୋଇଲିସ୍ଥିତ ଜିଲା ପୋଲିସ ମୁଖ୍ୟାଳୟରେ ପହଞ୍ଚି ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ଅଭିଯୋଗ କରିଛନ୍ତି ପୀଡ଼ିତା। ସୁକିନ୍ଦା ଥାନା ସଂସାଇଲୋ ଗ୍ରାମର ପୂର୍ଣ୍ଣଚନ୍ଦ୍ର ମଲିକଙ୍କ ସ୍ତ୍ରୀ ସାବିତ୍ରୀ ମଲିକଙ୍କ ଅଭିଯୋଗ ମୁତାବକ, ଗତ ୯ ତାରିଖରେ ତାଙ୍କ ଗ୍ରାମର ପୂର୍ଣ୍ଣଚନ୍ଦ୍ର ଓରଫ୍ ନଣ୍ଡା ମଲିକ, ଟୁନା ମଲିକ, ଲିଟୁଦାସ, ହାପି ଦାସ, ପଞ୍ଚୁ ମଲିକ, ସରୋଜ ମଲିକ ପ୍ରମୁଖ ଖଣ୍ଡା, ଭୁଜାଲି, ତରୁଆଲ ଧରି ହଠାତ ତାଙ୍କ ଘରକୁ ଆସି ଆକ୍ରମଣ କରିଥିଲେ। ଏମାନଙ୍କ ସହ ମହିଳାମାନେ ମିଶି ମରଣାନ୍ତକ ଆକ୍ରଣ କରିବା ସହ ଅଶ୍ଳୀଳ ଗାଳିଗୁଲଜ କରିଥିଲେ। ଏପରି କି ଦିବ୍ୟାଙ୍ଗ ପୂର୍ଣ୍ଣଚନ୍ଦ୍ରଙ୍କ ସାଇକେଲ ଦୋକାନକୁ ଭଙ୍ଗାରୁଜା କରି ଫୋପାଡି ଦେଇଥିଲେ। ଜୀବନରୁ ମାରିଦେବା ସହ ଘର ପୋଡି ଦେବାର ଧମକ ଦେଇଥିଲେ। ଛଡ଼ାଛଡ଼ି କରିବାକୁ ଯାଇ ମହିଳାମାନେ ମଧ୍ୟ ସେମାନଙ୍କ ଆକ୍ରମଣର ଶିକାର ହୋଇଥିଲେ। ଗାଁ ଲୋକମାନେ ପାଟିଶୁଣି ଆସିବାରୁ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏନେଇ ସାବିତ୍ରୀ ସୁକିନ୍ଦା ଥାନାରେ ପରିବାରର ସୁରକ୍ଷା ଓ ଜୀବନ ପ୍ରତି ଥିବା ବିପଦ ନେଇ ଅଭିଯୋଗ କରିଥିଲେ। ହେଲେ ପୋଲିସ ଏଯାଏ ମାମଲା ରୁଜୁ କରିନାହିଁ। ଫଳରେ ପରିବାରର ସୁରକ୍ଷା ଓ ଜୀବନ ପ୍ରତିଥିବା ବିପଦ ନେଇ ସେ ଆରକ୍ଷୀ ଅଧୀକ୍ଷକଙ୍କୁ ଜଣାଇଛନ୍ତି।



# ସୂର୍ଯ୍ୟାସ୍ତ ପକ୍ଷରୁ ଗବେଷିକାଙ୍କୁ ସମ୍ବର୍ଦ୍ଧନା



ଗବେଶିକା ସସ୍ମିତା ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଧର୍ମଶାଳା,୧୧।୧୧(ଡି.ଏନ.ଏ.)

ସୂର୍ଯ୍ୟାସ୍ତ ସାହିତ୍ୟ ପତ୍ରିକା ପକ୍ଷରୁ ଶୁକ୍ରବାର ଧର୍ମଶାଳା ପ୍ରେସ୍ କ୍ଲବ୍ ପରିସରରେ ପତ୍ରିକାର ବାର୍ତ୍ତା ସମ୍ପାଦିକା ଡ. ସସ୍ମିତା ଦାଶଙ୍କୁ ଗବେଷଣା ପାଇଁ ସମ୍ବର୍ଦ୍ଧିତ କରାଯାଇଛି। ଗ୍ରନ୍ଥକାର ନବଘନ ଜେନାଙ୍କ ସଭାପତିତ୍ୱରେ ଅତିଥିଭାବେ ପ୍ରେସ୍ କ୍ଲବ ସଭାପତି ତଥା ଗୋକର୍ଣ୍ଣିକା ସମ୍ପାଦକ ରମାକାନ୍ତ ଜେନା, ଧର୍ମଶାଳା ସାହିତ୍ୟ ସମାଜର ସାଧାରଣ ସମ୍ପାଦକ ଡ. ପ୍ରଶାନ୍ତ କୁମାର ସ୍ୱାଇଁ ଯୋଗଦେଇ ସସ୍ମିତାଙ୍କୁ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସମ୍ପାଦକ ବିବେକା ନନ୍ଦ ରାୟ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଧୁପୁର କଲେଜର ଅବସରପ୍ରାପ୍ତ ଅଧକ୍ଷ କୁଷଧର ପଣ୍ଡା, ଅଖିଳ କୁମାର ସ୍ୱାଇଁ, ମାନସ ରଞ୍ଜନ ଜେନା, ଅଧ୍ୟାପକ ପ୍ରଶାନ୍ତ କୁମାର ସାହୁ, ଶଶିଭୂଷଣ ଦ୍ୱାରୀ, ବସନ୍ତ ପରିଡ଼ା, ସବିତା ମିଶ୍ର, କେଶବ ଚରଣ ରାଉତ ଓ ବେଣୁଧର ନାୟକ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଡ. ସସ୍ମିତା ଦାଶ ସମ୍ବର୍ଦ୍ଧନାର ଉତ୍ତର ଦେଇଥିଲେ। ଗଣେଶ୍ୱର ବେହେରା ଧନ୍ୟବାଦ ଦେଇଥିଲେ।

# ୱାର୍ଡ ସଭ୍ୟାଙ୍କୁ ହତ୍ୟା ଅଭିଯୋଗ, ସ୍ୱାମୀ ଗିରଫ

ଚଣ୍ଡିଖୋଲ,୧୧।୧୧(ଡି.ଏନ.ଏ.)

ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ପତରାଜପୁର ପଞ୍ଚାୟତର ୮ନଂ. ୱାର୍ଡ ସଭ୍ୟା ଝୁନି ସିଂହ(୨୭)ଙ୍କ ଗୁରୁବାର ସନ୍ଦେହଜନକ ମୃତ୍ୟୁ ହୋଇଛି। ଅନ୍ୟପକ୍ଷରେ ଏନେଇ ତାଙ୍କ ବାପଘର ଲୋକ ବାଲିଚନ୍ଦ୍ରପୁର ଥାନାରେ ହତ୍ୟା ଅଭିଯୋଗ କରିଛନ୍ତି। ପୋଲିସ ଝୁନିଙ୍କ ସ୍ୱାମୀ ଗଣେଶ୍ୱର ସିଂହ ଓରଫ୍ ତପନଙ୍କୁ ଗିରଫ କରି ତଦନ୍ତ ଚଳାଇଛି।

ସୂଚନା ଅନୁସାରେ, ୭ ବର୍ଷ ତଳେ ପତରାଜପୁରର ବିଷ୍ଣୁ ଚରଣ ସିଂହଙ୍କ ପୁଅ ଗଣେଶ୍ୱରଙ୍କୁ ଛତିଆ ଅଞ୍ଚଳର କେଶବ ସିଂହଙ୍କ ଭଉଣୀ ଝୁନି ବିବାହ କରିଥିଲେ। ପାରିବାରିକ ଅଶାନ୍ତିରୁ ଝୁନି ଶାଶୁ ଘରେ କେହି ନ ଥିବା ବେଳେ ଘରର କବାଟ ବନ୍ଦ କରି ଫ୍ୟାନରେ ଶାଢି ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପରିବାର ଲୋକ ଝୁନିଙ୍କୁ ଡାକିବା ପରେ କବାଟ ନ ଖୋଲିବାରୁ କବାଟ ଭାଙ୍ଗି ତାଙ୍କୁ ଉଦ୍ଧାର କରିଥିଲେ। ଏହାପରେ ନଡ଼ିଆସାହାସପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବାପ ଘର ପରିବାର ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ। ପରେ ଝୁନିଙ୍କ ଭାଇ ଥାନାରେ ଅଭିଯୋଗ କରିଥିଲେ କି ତାଙ୍କ ଭଉଣୀଙ୍କୁ ଶାଶୁଘର ଲୋକେ ତଣ୍ଟି ଚିପି ମାରି ଦେଇ ଆତ୍ମହତ୍ୟାର ରୂପ ଦେଇଛନ୍ତି। ଅଭିଯୋଗ ପରେ ବାଲିଚନ୍ଦ୍ରପୁର ଥାନାଧିକାରୀ ରମାକାନ୍ତ ମୁଦୁଲି ଦର୍ପଣ ଅତିରିକ୍ତ ତହସିଲଦାର ନିରଞ୍ଜନ ଗୁରୁଙ୍କୁ ଡକାଇ ତାଙ୍କ ଉପସ୍ଥିତିରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ଶୁକ୍ରବାର ପତରାଜପୁର ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ମୃତ ଝୁନି ଗତ ପଞ୍ଚାୟତ ନିର୍ବାଚନରେ ପତରାଜପୁର ପଞ୍ଚାୟତର ସିଂହ ସାହି ୮ନଂ. ୱାର୍ଡ ସଭ୍ୟା ଭାବେ ନିର୍ବାଚିତ ହୋଇଥିଲେ। ଝୁନିଙ୍କ ଭାଇ କେଶବଙ୍କ ଅଭିଯୋଗ ଆଧାରରେ ପୋଲିସ ଦଫା ୪୯୮(ଏ), ୩୨୩, ୩୦୪ (ବି), ୩୦୨, ୩୪ ଆଇପିସି ଓ ୪ ଡିପିଆକ୍ଟ ଅନୁଯାୟୀ ଏକ ମାମଲା ନଂ.୩୭୫/୨୨ ରୁଜୁ କରିଛି। ତେବେ ଘଟଣାର ତଦନ୍ତ ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

# ବାଲିଆରେ କାର୍ତ୍ତିକ ମହୋତ୍ସବ ଉଦ୍‌ଯାପିତ

ବରୀ,୧୧।୧୧(ଡି.ଏନ.ଏ.)

ବରୀ ବ୍ଲକ୍ ଅଧୀନ ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ଜନ୍ମପୀଠ ଅଭିମନ୍ୟୁ ବାଲିଆରେ ନିଆରା କାର୍ତ୍ତିକ ମହୋତ୍ସବ ପାଳିତ ହୋଇଯାଇଛି। ୭ ଦିନ ବ୍ୟାପୀ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଠାରେ ଶ୍ରୀଜଗନ୍ନାଥଙ୍କ ବିଗ୍ରହ ବ୍ୟତିରେକ ଦଶ ଅବତାର ସ୍ୱତନ୍ତ୍ର ଭାବେ ପୂଜା ପାଇଥିଲେ। ଏତଦ୍‌ଭିନ୍ନ ଚଳିତ ବର୍ଷ ସଂକୀର୍ତ୍ତନ, ପାଲା, ଭଜନସନ୍ଧ୍ୟା, ବୋଇତ ବନ୍ଦାଣ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଦେବଦାସୀ ନୃତ୍ୟ ପରିବେଷଣ କରାଯାଇ ବିଲୁପ୍ତ ପରମ୍ପରାକୁ ରକ୍ଷା କରାଯିବାକୁ ପ୍ରୟାସ କରାଯାଇଥିଲା। ଏହାସହିତ ଏକ ସାଂସ୍କୃତିକ ସଭା ଆୟୋଜନ କରାଯାଇ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଳଙ୍କୃତ କରିଥିବା ପ୍ରତିଯୋଗୀଙ୍କୁ ମାନପତ୍ର, ଉପଢ଼ୌକନ ଏବଂ ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ଏଥିରେ କେନ୍ଦ୍ରାପଡ଼ା ଜିଲା ଇନ୍ଦୁପୁରସ୍ଥିତ ପାୟଲ ସଂଗୀତ ବିଦ୍ୟାଳୟର ଛାତ୍ରୀ ଲୋପାମୁଦ୍ରା ଜେନା ପ୍ରଥମ, କୁମାରୀ ସନ୍ତୋଷୀ ଦ୍ୱିତୀୟ ଓ ଈଶାଣପୁରର ସାଇନା କର ତୃତୀୟ ସ୍ଥାନ ଅଳଙ୍କୃତ କରିଥିଲେ। ନିଖୁଣ କାରୁକାର୍ଯ୍ୟ ପାଇଁ ଶିଳ୍ପୀ ଅକ୍ଷୟ ବେଉରିଆ ଓ ଜୟନ୍ତ କୁମାର ଜେନାଙ୍କୁ ମାନପତ୍ର ଏବଂ ଉପଢ଼ୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଭଳି ସଂସ୍କୃତି ସମ୍ପନ୍ନ ନିଆରା କାର୍ଯ୍ୟକ୍ରମ ପାଇଁ ହଜାରହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। କାର୍ଯ୍ୟକ୍ରମକୁ କବି ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ଅନୁଜ ଶ୍ରୀହରିଚନ୍ଦନ ମହାପାତ୍ରଙ୍କ ପରିବାର ପକ୍ଷରୁ ଆୟୋଜନ କରାଯାଇଥିଲା।



# ଏମ୍‌ବିକେ, ସିଆର୍‌ପିଙ୍କ ଦକ୍ଷତା ବୃଦ୍ଧି ତାଲିମ ଶିବିର

ରସୁଲପୁର,୧୧।୧୧(ଡି.ଏନ.ଏ.)

ରସୁଲପୁର ବ୍ଲକ ସମ୍ମିଳନୀ କକ୍ଷରେ ବ୍ଲକ ଅଧୀନ ୨୦ ଏମ୍‌ବିକେ ଓ ୨୬ ସିଆର୍‌ପିଙ୍କୁ ନେଇ ୩ଦିନିଆ ଦକ୍ଷତା ବୃଦ୍ଧି ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଗ୍ରାମାଞ୍ଚଳ ଦାରିଦ୍ର୍ୟ ଦୂରିକରଣ ଯୋଜନା ପ୍ରସ୍ତୁତ ପାଇଁ ମହିଳା କର୍ମୀମାନଙ୍କୁ ତାଲିମ ଦିଆଯାଇଛି। ସରକାରୀ ଯୋଜନାରୁ ଗାଁରେ ବଞ୍ଚିତ ହୋଇଥିବା ବ୍ୟକ୍ତି ଓ ପରିବାରକୁ ଚିହ୍ନଟ କରିବା, ଜୀବିକା ମିଶନକୁ ତୃଣମୂଳସ୍ତରରେ କ୍ରିୟାଶୀଳ କରାଇ ଗରିବ ପରିବାରର ଆର୍ଥିକ ସ୍ୱଚ୍ଛଳ କରାଇବା, ଗାଁରେ ଚାଲିଥିବା ଉନ୍ନୟନ ଯୋଜନାର ସୁଫଳ ଲୋକଙ୍କ ପାଖରେ ପହଞ୍ଚାଇବା, ସରକାରୀ ସମ୍ପତ୍ତିର ସୁବିନିଯୋଗ ଓ ପଞ୍ଚାୟତର ଆୟବୃଦ୍ଧି କରାଇବା ଆଦି କାର୍ଯ୍ୟକୁ ସର୍ଭେ କରିବେ ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳା। ବିଭିନ୍ନ ଯୋଜନାରୁ ବଞ୍ଚିତ ଯୋଗ୍ୟ ହିତାଧିକାରୀଙ୍କୁ ସରକାରୀ ସୁବିଧା ଉପଲବ୍ଧ କରାଇବା ସମ୍ପର୍କରେ ତଥ୍ୟ ପ୍ରଦାନ, ବିଭିନ୍ନ ଯୋଜନାର ଦୁରପଯୋଗ କାର୍ଯ୍ୟକୁ ସର୍ଭେରେ ସ୍ଥାନ ଦିଆଯିବ। ଉକ୍ତ ସର୍ଭେ ତଥ୍ୟକୁ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଅନଲାଇନ ମାଧ୍ୟମରେ ଅବଗତ କରାଯିବ। ଉକ୍ତ ତଥ୍ୟକୁ ପଞ୍ଚାୟତର ପଲ୍ଲିସଭା ଓ ଗ୍ରାମସଭା ଜରିଆରେ ଅନୁମୋଦନ କରାଯାଇ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ସରକାରୀ ଯୋଜନା ପହଞ୍ଚାଇବା କାର୍ଯ୍ୟ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହିଭଳି ପ୍ରୟାସରେ ସରକାରୀ ଯୋଜନାର ଦୂରପଯୋଗ ହେବାରେ ରୋକ ଲଗାଯାଇ ପାରିବ। ଯୋଜନା କାର୍ଯ୍ୟକାରୀ କରିବାରେ ସ୍ୱଚ୍ଛତା ରହିପାରିବ ବୋଲି ତାଲିମ ଶିବିରର ମୁଖ୍ୟ ଅତିଥି ବିଡିଓ ଅବନିକାନ୍ତ ସାହୁ ପ୍ରକାଶ କରିଛନ୍ତି।

ଏହି କାର୍ଯ୍ୟକୁ ପୂର୍ବରୁ ଅଫଲାଇନ ଜରିଆରେ କରାଯାଉଥିଲା। ଏବେ ଅନ୍‌ଲାଇନ ପାଇଁ ସର୍ଭେୟରମାନେ ଆଣ୍ଡ୍ରୋଏଡ ମୋବାଇଲ ଜରିଆରେ ଭିପିଆର୍‌ପି ୨.୦ ଆପକୁ ବ୍ୟବହାର କରିବେ। ଏଥିପାଇଁ ସମସ୍ତଙ୍କୁ ଆଇଡି ଓ ପାସୱାର୍ଡ ପ୍ରଦାନ କରାଯାଇଛି ବୋଲି ମିଶନ ଶକ୍ତି ବିଭାଗ ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ସୁପ୍ରଭା ଜେନା ପ୍ରକାଶ କରିଛନ୍ତି। ବ୍ଲକ ଜୀବିକା ମିଶନ ସଂଯୋଜିକା ସରିତା ଜେନା, ପ୍ରତିମା ପତି, ମଧୁସ୍ମିତା ମହାନ୍ତି, ଏମବିକେ ସସ୍ମିତା ଆଏଚ ପ୍ରମୁଖ ସମ୍ବଳ ଅଧିକାରୀ ଭାବେ ଯୋଗଦେଇ ଶିବିରାର୍ଥୀଙ୍କୁ ସେମାନଙ୍କ ଭୂମିକା ସମ୍ପର୍କରେ ବୁଝାଇ କହିଥିଲେ। ଆପ୍ ବ୍ୟବହାରକୁ ଡେମୋ ଦେଖାଇବା ସହ ପ୍ରତ୍ୟେକ ଶିବିରାର୍ଥୀଙ୍କୁ ସେମାନଙ୍କ ମୋବାଇଲ ବ୍ୟବହାର ସମ୍ପର୍କରେ ସୂଚନା ଦେଇଥିଲେ। ଚଳିତ ମାସର ତୃତୀୟ ସପ୍ତାହରୁ ସର୍ଭେ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ଶିବିର ପକ୍ଷରୁ ସୂଚନା ଦିଆଯାଇଛି।



ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିବା ଏମ୍‌ବିକେ ଏବଂ ସିଆରପିମାନେ।

## ସଂକ୍ଷେପରେ

### ଦୁର୍ଘଟଣାରେ ବାଇକ୍ ଚାଳକଙ୍କ ମୃତ୍ୟୁ

ଖଣ୍ଡପଡ଼ା,୧୧।୧୧(ସ୍ୱ.ପ୍ର.): ଭୁବନେଶ୍ୱରସ୍ଥିତ ରସୁଲଗଡ ଛକରେ ଶୁକ୍ରବାର ଅପରାହ୍ନରେ ଏକ ଦୁର୍ଘଟଣାରେ ଖଣ୍ଡପଡ଼ା ବ୍ଲକ ଅଧୀନ କିଆଝର ପଞ୍ଚାୟତ ମଙ୍ଗରାଜପୁର ଗାଁର ବିପିନ ସେଠୀଙ୍କ ମୃତ୍ୟୁ ହୋଇଥିବା ପରିବାର ସୂତ୍ରରୁ ଜଣାପଡିଛି। ବିପିନ ଏକ ବାଇକ୍ ଯୋଗେ କୌଣସି ଏକ କାମରେ ଯାଉଥିବା ବେଳେ ଦୁର୍ଘଟଣାର ସମ୍ମୁଖିନ ହୋଇଥିଲେ। ଏହି ଦୁଃଖଦ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି।

### ଆମ ପୋଲିସର ସଚେତନତା ବୈଠକ

କବିସୂର୍ଯ୍ୟନଗର,୧୧।୧୧(ଡି.ଏନ.ଏ.)- କବିସୂର୍ଯ୍ୟନଗର ବ୍ଲକ ବୁଡାମ୍ବ ଗ୍ରାମପଞ୍ଚାୟତର ଗୁଡିଆପଲି ଗ୍ରାମ ମଝିଦାଣ୍ଡ ସାହିରେ ଆମ ପୋଲିସ ସମିତିର ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କବିସୂର୍ଯ୍ୟନଗର ଥାନାଧିକାରୀ ପ୍ରଭାତ କୁମାର ସାହୁ ଯୋଗଦେଇ ବିଭିନ୍ନ ବିଷୟବସ୍ତୁ ଉପରେ ଆଲୋଚନା କରିବା ସହ ଅନ୍ଧବିଶ୍ୱାସ କାର୍ଯ୍ୟଠାରୁ ନିବୃତ୍ତ ରହିବା ପାଇଁ ଲୋକଙ୍କୁ ନିବେଦନ କରିଥିଲେ। ସେହିଭଳି ଆମ ପୋଲିସ ସମିତିର ବରିଷ୍ଠ ସଦସ୍ୟ ଜି. ଶମ୍ଭୁଲିଙ୍ଗମ ଆଚାରୀ ମଧ ଯୋଗ ଦେଇଥିବା ବେଳେ ବୃଡାମ୍ବ ଗ୍ରାମ ସରପଞ୍ଚ ପ୍ରତିନିଧି ଯଜ୍ଞ ପ୍ରସାଦ ପଣ୍ଡା ଯୋଗଦେଇ ଲୋକଙ୍କୁ ସଚେତନ କରାଇଥିଲେ।

### କିଷାନ ଗୋଷ୍ଠୀର କର୍ମଶାଳା

ନୂଆଗଡ଼,୧୧।୧୧-ନୂଆଗଡ଼ ବ୍ଲକ ଅନ୍ତର୍ଗତ ପି.ଅନ୍ତରଡା ଗ୍ରାମ ପଞ୍ଚାୟତର ଜଙ୍ଗଜଙ୍ଗ ଗ୍ରାମଠାରେ ଆତ୍ମା ତରଫରୁ କୃଷି ବୈଷୟିକ ପରିଚାଳନା ସଂସ୍ଥା ଅନ୍ତର୍ଗତ କିଷାନ ଗୋଷ୍ଠୀର କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ବୈଜ୍ଞାନିକ ସଂଗ୍ରାମ ପରମଗୁରୁ, ଏଏଚଓ ମହେନ୍ଦ୍ର ପ୍ରସାଦ ଦାସ, ପ୍ରାଣୀଧନ ଚିକିତ୍ସକ ଏସ.କେ. ରେଡ୍ଡୀ, ଗୋଷ୍ଠୀ କୃଷି ଅଧିକାରୀ ସେକ୍ ଏହେସାନ, ବିଟିଏମ ଦୀପକ ଗୌତମ ଉପସ୍ଥିତ ରହି ଚାରି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଆତ୍ମା ତରଫରୁ ଶିଡ଼ମନି ପ୍ରଦାନ କରାଯାଇଥିଲା। ୧୫ଜଣ ଚାଷୀଙ୍କୁ ମିଠା ମକା ଚାଷ କରିବା ନିମନ୍ତେ, ୮ଜଣଙ୍କୁ ହାଇବ୍ରିଡ଼ ପରିବା ଚାଷ କରିବା ପାଇଁ ତାଲିମ ଦିଆଯାଇଥିଲା।

### ମିଲେଟ ମିଶନ ତରଫରୁ ମାଣ୍ଡିଆ ଦିବସ

ରାଇକିଆ,୧୧।୧୧(ଡି.ଏନ.ଏ)- ରାଇକିଆଠାରେ ଗୁରୁବାର ମାଣ୍ଡିଆ ଦିବସ ପାଳିତ ହୋଇଯାଇଛି। ଜିଲାପରିଷଦ ଉପାଧକ୍ଷ ସାଧବାଣୀ ନାୟକ, ଜିଲା ଅତିରିକ୍ତ କୃଷି ଅଧିକାରୀ ବସନ୍ତ କୁମାର ପାଣିଗ୍ରାହୀ ଅତିଥି ଭାବେ ଯୋଗଦେଇ ଥିଲେ। ମାଣ୍ଡିଆରେ ପୃଷ୍ଟି ଅଧିକା ରହିଥିବା ଯୋଗୁ ସବୁ ବର୍ଗର ଲୋକଙ୍କ ପାଇଁ ଏହା ଅତ୍ୟାବଶ୍ୟକ ଖାଦ୍ୟର ସ୍ଥାନ ନେବାକୁ ଯାଉଛି ବୋଲି ଅତିଥିମାନେ ପ୍ରକାଶ କରିବା ସହ ଏହି ଚାଷର ସରଳ ପ୍ରଣାଳୀ, ଏହାର ବ୍ୟବସାୟିକ ବ୍ୟବସ୍ଥା, ସରକାରୀ ପ୍ରୋତ୍ସାହନ ସମ୍ପର୍କରେ କହିଥିଲେ। ସ୍ୱେଚ୍ଛାସେବୀ ସଂଗଠନ ସ୍ୱାତି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମାଣ୍ଡିଆ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ପରିବେଷଣ କରାଯାଇଥିଲା। ସ୍ୱାତି ସମ୍ପାଦକ ହରି ଶଙ୍କର ରାଉତ, ରାଇକିଆ ବ୍ଲକ ଅତିରିକ୍ତ କୃଷି ଅଧିକାରୀ ସୁଦୀପ୍ତ ପ୍ରଧାନ ଉପସ୍ଥିତି ରହି ମାଣ୍ଡିଆ ଚାଷର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଗିରିଶ ଚନ୍ଦ୍ର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

# ନବବଧୂଙ୍କୁ ହତ୍ୟା

- ପୋଲିସ ଏସ୍ଆଇ ପରୀକ୍ଷା ଦେଇଥିଲେ
- ସ୍ୱାମୀ, ଶ୍ୱଶୁର ଗିରଫ

ନୟାଗଡ ଅଫିସ/ରଣପୁର, ୧୧।୧୧(ସ୍ୱ.ପ୍ର.)

ନୟାଗଡ଼ ଜିଲା ରଣପୁର ଥାନା ରାଜସୁନାଖଳା ଫାଣ୍ଡି କୋଟଣୀଶିଳା ଗାଁରେ ବିଜୟଲକ୍ଷ୍ମୀ ପ୍ରଧାନ(୨୨) ନାମ୍ନୀ ଜଣେ ନବବଧୂଙ୍କୁ ଯୌତୁକ ପାଇଁ ହତ୍ୟା କରାଯାଇଛି। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ କରାଇ ବାପଘର ଲୋକଙ୍କୁ ହସ୍ତାନ୍ତର କରିବା ସହ ୨୭୦/୨୨ ନମ୍ବରରେ ଏକ ମାମଲା ରୁଜୁ କରିଛି। ଏହାସହ ବିଜୟଲକ୍ଷ୍ମୀଙ୍କ ସ୍ୱାମୀ ଜିତେନ୍ଦ୍ର ପ୍ରଧାନ ଓ ଶ୍ୱଶୁର ଭୀମସେନ ପ୍ରଧାନଙ୍କୁ ଗିରଫ କରିଛି। ଭୀମସେନଙ୍କ ପରିବାରର ଅନ୍ୟ ସଦସ୍ୟମାନେ ବିଜୟଲକ୍ଷ୍ମୀଙ୍କ ୬ ମାସର ଶିଶୁପୁତ୍ରଙ୍କୁ ଧରି ଫେରାର ହୋଇଯାଇଥିବା ଜଣାପଡ଼ିଛି।

ବିଜୟଲକ୍ଷ୍ମୀ ପୋଲିସ ଏସ୍ଆଇ ପରୀକ୍ଷା ଦେଇଥିଲେ। ରେଜଲ୍ଟ ବାହାରିବା ପୂର୍ବରୁ ତାଙ୍କ ସ୍ୱପ୍ନ ଚୂରମାର


ବିଜୟଲକ୍ଷ୍ମୀ ପ୍ରଧାନ

ହୋଇଯାଇଛି। ଅଭିଯୋଗ ଅନୁସାରେ ରମାବିଲ ଗାଁରେ ଘନଶ୍ୟାମ ବରାଡ଼ଙ୍କ ଝିଅ ବିଜୟଲକ୍ଷ୍ମୀ ୧୬ ମାସ ତଳେ କୋଟଣୀଶିଳା ଗାଁର ଜିତେନ୍ଦ୍ର(୨୮)ଙ୍କୁ ବିବାହ କରିଥିଲେ। ବିବାହ ସମୟରେ ବର ପକ୍ଷର ଦାବି ମୁତାବକ ୭ ଲକ୍ଷ ୫୦ ହଜାର ଟଙ୍କା ଜମି ବିକ୍ରି କରି ଦିଆଯାଇଥିଲା। ବିବାହର କିଛି ମାସ ପରେ ଅଧିକ ଦୁଇ ଲକ୍ଷ ଟଙ୍କା ଆଣିବା ପାଇଁ ଶାଶୁ ଘର ପକ୍ଷରୁ କୁହାଯାଇଥିଲା। ବିଜୟଲକ୍ଷ୍ମୀଙ୍କ ବାପଘର ପକ୍ଷରୁ ଏତେ ଟଙ୍କା ଦେବାକୁ ଅସମର୍ଥ ବୋଲି କୁହାଯିବା ପରେ ଶାରୀରିକ ଓ ମାନସିକ ନିର୍ଯାତନା ଆରମ୍ଭ ହୋଇଥିଲା। ଗୁରୁବାର ବିଳମ୍ବିତ ରାତିରେ ବିଜୟଲକ୍ଷ୍ମୀଙ୍କୁ ହତ୍ୟା କରି ଶାଶୁ ଘର ଲୋକେ ଫେରାର ହୋଇଯାଇଛନ୍ତି। ଖବର ପାଇ ବାପ ଘର ଲୋକେ ପହଞ୍ଚି ଝିଅକୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଖଟରେ ମରି ପଡ଼ିଥିବା ଦେଖିବାକୁ ପାଇଥିଲେ। ଏନେଇ ଖବର ଦିଆଯିବା ପରେ ପୋଲିସ ପହଞ୍ଚି ଘଟଣାର ତଦନ୍ତ କରିଥିଲା। ଏନେଇ ବିଜୟଲକ୍ଷ୍ମୀଙ୍କ ବାପା ଘନଶ୍ୟାମ ବରାଡ କୁହନ୍ତି, ସମୁଦି ଭୀମ ପ୍ରଧାନଙ୍କ ବଡ଼ଭାଇଙ୍କ ଜ୍ୱାଇଁ ପ୍ରଭାକର ପ୍ରଧାନ ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ, ଯିଏକି ମୋ ଜ୍ୱାଇଁଙ୍କୁ ପ୍ରବର୍ତ୍ତାଇ ଝିଅକୁ ଶାଶୁ ଘର ଲୋକଙ୍କ ଦ୍ୱାରା ହତ୍ୟା କରିବାରେ ସଫଳ ହୋଇଛନ୍ତି। ଝିଅ ମଲା ପରେ ବେକରୁ ଓ କାନକୁ କାଟି ସୁନା ଅଳଙ୍କାର ଲୁଟି ନେଇଛନ୍ତି। ଏମିତିକା ଲୋକଙ୍କୁ ଫାଶୀ ଦିଆଯାଉ ବୋଲି ସେ କାନ୍ଦି କାନ୍ଦି କହିଛନ୍ତି । ଏନେଇ ରାଜସୁନାଖଳା ଫାଣ୍ଡି ଅଧିକାରୀ ପ୍ରୀତି ପ୍ରକାଶ ମହାନ୍ତି କୁହନ୍ତି, ହତ୍ୟା ମାମଲାର ତଦନ୍ତ ଜାରି ରହିଛି । ବିଜୟଲକ୍ଷ୍ମୀଙ୍କ ସ୍ୱାମୀ ଓ ଶ୍ୱଶୁରଙ୍କୁ ଗିରଫ ପରେ ପଚରାଉଚୁରା ଚାଲିଛି। ଶନିବାର ସେମାନଙ୍କୁ କୋର୍ଟଚାଲାଣ କରାଯିବ।

# ଜବତ ୩୦ ମୋବାଇଲ ଫେରାଇଲା ପୋଲିସ


ଏସ୍‌ପି ଅଲେଖ ଚନ୍ଦ୍ର ପହି ଜଣେ ବ୍ୟକ୍ତିଙ୍କୁ ହଜିଯାଇଥିବା ତାଙ୍କ ମୋବାଇଲ ଫେରାଉଛନ୍ତି।

ନୟାଗଡ଼ ଅଫିସ,୧୧।୧୧


ଜବତ ୩୦ ମୋବାଇଲ।

- ନୟାଗଡ଼ ସମେତ ବିଭିନ୍ନ ଜିଲାରୁ ଚୋରି ଯାଇଥିଲା
- ୨ ଗିରଫ ପରେ ଖୋଲିଥିଲା ଗୁମର

ନୟାଗଡ଼ ଟାଉନ ଥାନା ପୋଲିସ ଚୋରି ହୋଇଥିବା ୩୦ ମୋବାଇଲକୁ ଜବତ କରିବା ସହ ମାଲିକାନା କାଗଜପତ୍ର ଦେଖାଉଥିବା ବ୍ୟକ୍ତି ବିଶେଷଙ୍କୁ ଏସ୍‌ପି ଅଲେଖ ଚନ୍ଦ୍ର ପହି ଶୁକ୍ରବାର ହସ୍ତାନ୍ତର କରିଛନ୍ତି। ଜବତ ମୋବାଇଲଗୁଡିକ ନୟାଗଡ଼ ଜିଲା ସମେତ ରାଜ୍ୟର ବିଭିନ୍ନ ଜିଲାରୁ ଚୋରି ହୋଇଥିଲା। ଗତ ୩୧ ତାରିଖରେ ପୋଲିସ ୨ ଜଣଙ୍କୁ ଗିରଫ କରି ସେମାନଙ୍କଠାରୁ ୨ ଟି ସୁନା ଚେନ ସହ କୋଡେଗୋଟି ମୋବାଇଲ ଜବତ କରିଥିଲା। ପରବର୍ତ୍ତୀ ସମୟରେ ଏହାର ତଦନ୍ତ କରାଯାଇ ଚୋରା ମୋବାଇଲ ଜବତ ହୋଇଥିବା ଜଣାପଡିଛି। ଏସ୍‌ପିଙ୍କ ଖବରଦାତା ସମ୍ମିଳନୀର ତଥ୍ୟ ଅନୁସାରେ, ଗଞ୍ଜାମ ଜିଲା ଆସ୍କା ଥାନା ଅଞ୍ଚଳର ୨ଭାଇ ଏ. ଅର୍ଜୁନ ଓ ଏ. ସନ୍ତୋଷଙ୍କୁ ଗିରଫ କରାଯିବା ପରେ ମୋବାଇଲ ଚୋରି ସମ୍ପର୍କରେ ଗୁମର ଖୋଲିଥିଲା। ଦୁଇ ଭାଇ ଏକ ଗ୍ୟାଙ୍ଗ କରି ରାଜ୍ୟର ବିଭିନ୍ନ ଜିଲାରୁ ମୋବାଇଲ ଚୋରି ଓ ଅଳଙ୍କାର ଲୁଟ କରିଥିଲେ। ଏମାନଙ୍କଠାରୁ ୨ଟି ସୁନାଚେନ ଜବତ ସହ ମୋବାଇଲ ସବୁ ଜବତ ହୋଇଥିଲା। ପରେ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ମୋବାଇଲ ଚୋରି ନେଇ ଖୋଳତାଡ ପରେ ୪୦ଟି ମୋବାଇଲ ମିଳିଛି। ଏଥିରୁ ୩୦ଟି ମୋବାଇଲର ମାଲିକାନା ଥିବା ବ୍ୟକ୍ତି ବିଶେଷଙ୍କୁ ପ୍ରଦାନ କରାଯାଇଛି। ଅବଶିଷ୍ଟ ରଖାଯାଇଛି। ଶୁକ୍ରବାର ନୟାଗଡ଼, ଖୋର୍ଦ୍ଧା, ଭୁବନେଶ୍ୱର, କଟକ ଜିଲାର ଲୋକମାନଙ୍କୁ ସେମାନଙ୍କର ମୋବାଇଲ ଫେରସ୍ତ କରାଯାଇଛି। ଚଢ଼ାଉରେ ଟାଉନ ଥାନା ଆଇଆଇସି ପ୍ରଜ୍ଞା ପରମିତା ଜେନା, ଏସ୍ଆଇ ସନ୍ତୋଷ ଦାଶ, ଧର୍ମେନ୍ଦ୍ର ଶିଆଳ ଓ ଏସ୍. ସିଙ୍ଗଙ୍କ ସମେତ ସ୍ପେଶାଲ ସ୍କ୍ୱାଡ୍, ସାଇବର ସେଲ ସହଯୋଗ କରିଥିଲେ ବୋଲି ଏସ୍‌ପି ପହି କହିଛନ୍ତି।

# ବିଭିନ୍ନ ପ୍ରକଳ୍ପ ଅନୁଧ୍ୟାନ କରି ଜିଲାପାଳଙ୍କ ସମୀକ୍ଷା


ଜିଲାପାଳ ରବୀନ୍ଦ୍ର ନାଥ ସାହୁ ରଣପୁର ବ୍ଲକର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରୁଛନ୍ତି।

ନୟାଗଡ଼ ଅଫିସ,୧୧।୧୧

ନୟାଗଡ଼ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଶୁକ୍ରବାର ରଣପୁର ବ୍ଲକର ବ୍ରଜରାଜପୁର ଓ ଖଇରପଲ୍ଲୀ ପଞ୍ଚାୟତର ତାରିଆକୁ ଯାଇ ସେଠାରେ ୫-ଟି ରୂପାନ୍ତରିତ ହେବାକୁ ଥିବା ସ୍କୁଲର କାମ ତଦାରଖ କରିଛନ୍ତି। ଅନ୍ୟପକ୍ଷେ ରଣପୁର ବ୍ଲକରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍), ମିଶନ ଶକ୍ତି, ଅମୃତ ସରୋବର ଯୋଜନା, ୫-ଟି ସ୍କୁଲ, ଅଙ୍ଗନୱାଡି ଗୃହ ପରି ସରକାରୀ ଯୋଜନାର ସମୀକ୍ଷା କରିଥିଲେ। ଏଥିରେ ଜିଲା ପରିଷଦର ନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ବିଡିଓ ଜ୍ୟୋତି ପ୍ରକାଶ ସେଠୀ, ରଣପୁର ବ୍ଲକ ଚେୟାରମ୍ୟାନ ନିର୍ମଳା ବେହେରା ପ୍ରମୁଖ ସାମିଲ ହୋଇଥିଲେ।

## ଗଞ୍ଜାମରେ ଚିହ୍ନଟ ହେବେ ୨ହଜାର କଳାକାର

ଭଞ୍ଜନଗର,୧୧।୧୧(ଡି.ଏନ୍.ଏ.)

ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ଗଞ୍ଜାମ ଜିଲାରେ ୨୦୦୦ ନୂତନ କଳାକାର ଭତ୍ତା ପାଇବେ। ତେଣୁ ଜିଲାର ସମସ୍ତ ୨୨ଟି ବ୍ଲକରେ କଳାକାର ଚୟନ ପ୍ରକ୍ରିୟା ଚାଲିଛି। ଜିଲାରେ କଳାକାର ଭତ୍ତା ପାଇଁ ଯୋଗ୍ୟ ମୋଟ ୨୦୦୦ ହିତାଧିକାରୀ ଚିହ୍ନଟ ହେବାକୁ ଥିବା ବେଳେ ୭୨୦୦ ଆବେଦନ ଆସିଛି। ତେଣୁ ବିଭିନ୍ନ ବ୍ଲକ ଚୟନ କମିଟି ସମ୍ମୁଖରେ କଳାକାରମାନେ ନିଜ ନିଜର କଳା ପ୍ରଦର୍ଶନ କରୁଛନ୍ତି। ଶୁକ୍ରବାର ଭଞ୍ଜନଗର ବ୍ଲକରେ କଳାକାର ଚିହ୍ନଟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ସମୟରେ ବ୍ଲକ ଅଧକ୍ଷ ନରିସଭା ନାୟକ, ଏବିଡିଓ, ବ୍ଲକ କଳାକାର ସଂଘ ଉପସଭାପତି ଜଗଦୀଶ ପାଣିଗ୍ରାହୀ, ନାରାୟଣ ମହାରଣା, ପ୍ରଧାନ ଶିକ୍ଷକ ସନ୍ତୋଷ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସେହପରି ଦୁଇଦିନ ହେଲା ବେଲଗୁଣ୍ଠା ବ୍ଲକରେ କଳାକାର ଚିହ୍ନଟ ଶିବିର ହୋଇଛି। ବ୍ଲକ ଅଧକ୍ଷ ପ୍ରଶାନ୍ତ ନାୟକ ପ୍ରମୁଖଙ୍କ ଉପସ୍ଥିତିରେ ହିତାଧିକାରୀ ଚିହ୍ନଟ ହୋଇଛନ୍ତି।

# ଦାବି ପୂରଣ ନ ହେଲେ ଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ

- କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା
- ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ମାସକୁ ୨ ହଜାର ଟଙ୍କା ପ୍ରଦାନ ଦାବି

ଖଣ୍ଡପଡା,୧୧।୧୧(ସ୍ୱ.ପ୍ର.)

ଜୱାଦ ବାତ୍ୟା ଦ୍ୱାରା କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ସହାୟତ ମିଳିଲା ନାହିଁ। ତୁରନ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ ଆର୍ଥିକ ସହାୟତା ରାଶି ପ୍ରଦାନ ସହ ୬୦ ବର୍ଷରୁ ଊର୍ଦ୍ଧ୍ୱ ରାଜ୍ୟର ସମସ୍ତ ବୃଦ୍ଧାବୃଦ୍ଧଙ୍କୁ ମାସିକ ୨ହଜାର ଟଙ୍କା ଭତ୍ତା ପ୍ରଦାନ, ମଣ୍ଡିରେ ଧାନ କ୍ରୟ ବେଳେ କୁଇଣ୍ଟାଲ ପିଛା ଧାନ କାଟ ବନ୍ଦ କରିବା ଆଦି ଦାବି ନେଇ ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଶୁକ୍ରବାର ଅପରାହ୍ନରେ ଖଣ୍ଡପଡାଠାରେ ଖବରଦାତା ସମ୍ମିଳନୀ ହୋଇଥିଲା। ସଙ୍ଗଠନର ଜିଲା ସହ ସଂଯୋଜିକା ମମତା ନାଥ, ସହ ସଂଯୋଜକ ରଣଜିତ ଦଳବେହେରା ପ୍ରମୁଖ ରାଜ୍ୟ ସରକାରଙ୍କ କୃଷକ ମାରଣ ନୀତିକୁ କଟୁ ସମାଲୋଚନା କରିବା ସହ ରାଜ୍ୟ ସରକାର କୃଷକମାନଙ୍କ ସ୍ୱାର୍ଥ ପ୍ରତି ଆଖିବୁଜି ଦେଇଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ଉପରୋକ୍ତ ଦାବିଗୁଡିକ ପ୍ରତି ରାଜ୍ୟ ସରକାର ଓ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସଦସ୍ୟମାନେ ଦାବି କରିଥିଲେ। ନଚେତ ସମସ୍ତ ଦାବି ପୂରଣ ନେଇ ଆସନ୍ତା ନଭେମ୍ବର ୨୧ ରେ ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ ସହ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଏ ନେଇ ସଙ୍ଗଠନର ଭାପୁର ବ୍ଲକ ସଂଯୋଜକ ଅଭିମନ୍ୟୁ ଗୁମାନସିଂ, ବରିଷ୍ଠ ସଭ୍ୟ ଶ୍ୟାମ ସୁନ୍ଦର ନାୟକ, ପ୍ରସନ୍ନ ପ୍ରଧାନ, ଭାସ୍କର ଚନ୍ଦ୍ର ଜେନା, ଜମ୍ବେଶ୍ୱର ପ୍ରଧାନ, ପ୍ରକାଶ ପ୍ରଧାନ ପ୍ରମୁଖ ସମ୍ମିଳନୀରେ କହିଥିଲେ।


ବାତ୍ୟା କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଦାବିରେ ନବ ନିର୍ମାଣ କୃଷକ ସଂଗଠନର ଖବରଦାତା ସମ୍ମିଳନୀରେ ଉପସ୍ଥିତ ଚାଷୀ ଓ ସଦସ୍ୟମାନେ।

# ଅମୃତ ସରୋବର ଖନନ ପାଇଁ ଶିଳାନ୍ୟାସ


ଶିଳାନ୍ୟାସ ଉତ୍ସବରେ ଉପସ୍ଥିତ ଅତିଥିମାନେ।

ଭାପୁର, ୧୧।୧୧ (ଡି.ଏନ.ଏ.)

ନୟାଗଡ଼ ଜିଲା ଭାପୁର ବ୍ଲକ ଅନ୍ତର୍ଗତ ଶାଳପଡା ପଞ୍ଚାୟତ ଅଧୀନ ବାରବାଟୀ ଗ୍ରାମରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ରେ ଅର୍ଥ ବ୍ୟୟ କରାଯାଇଛି। ଜଳର ସଦୁପଯୋଗ ଓ ସଂରକ୍ଷଣ କରିବାକୁ ଲକ୍ଷ୍ୟ ରଖି ଅମୃତ ଯୋଜନା ମାଧ୍ୟମରେ ପୁଷ୍କରିଣୀ ଖନନ ପାଇଁ ଶିଳାନ୍ୟାସ କରାଯାଇଛି। ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ଭାପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଯୋଗଦେଇ ଶିଳାନ୍ୟାସ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗ୍ରାମର ଅକ୍ରୁର ସ୍ୱାଇଁ, ରଞ୍ଜନ ପ୍ରଧାନ, ଗୋବିନ୍ଦ ଚନ୍ଦ୍ର ପଣ୍ଡାଙ୍କ ସମେତ ଗ୍ରାମର ଶତାଧିକ ବ୍ୟକ୍ତି ସାମିଲ ହୋଇଥିଲେ। ଏହି ପୁଷ୍କରିଣୀ ଖନନ ପାଇଁ ୧୯ ଲକ୍ଷ ୮୦ ହଜାର ଟଙ୍କା ମଞ୍ଜୁର ହୋଇଥିବା ବିଭାଗୀୟ ଅଧିକାରୀଙ୍କଠାରୁ ସୂଚନା ମିଳିଛି। ମା ପୂର୍ଣ୍ଣମାସୀଙ୍କ ପୀଠ ନିକଟରେ ଥିବା ଖୋଲା ପଡିଆରେ ଏହି ପୁଷ୍କରିଣୀ ଖନନ କାର୍ଯ୍ୟ କରାଗଲେ ଗ୍ରାମରେ ଥିବା ଜନସାଧାରଣ ଉପକୃତ ହୋଇ ପାରିବେ।

# ଠିକା କର୍ମଚାରୀଙ୍କ ଚାକିରିକୁ ନିୟମିତ କରିବାକୁ ସ୍ମାରକପତ୍ର

ନୟାଗଡ଼ ଅଫିସ,୧୧।୧୧

ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଏବଂ ରାଜ୍ୟ ଏଡସ୍ ନିୟନ୍ତ୍ରଣ ସୋସାଇଟି ଅଧୀନରେ ନୟାଗଡ଼ ଜିଲାରେ କାର୍ଯ୍ୟରତ ଠିକା କର୍ମଚାରୀ ୧୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା କାମ କରୁଛନ୍ତି। ହେଲେ ସେମାନଙ୍କୁ ନିୟମିତ ରହିଥିବାକୁ ଏକମାତ୍ର ଦାବି ପୂରଣ ପାଇଁ ସରକାରଙ୍କ ଉପରେ ଚାପ ପ୍ରୟୋଗ ପାଇଁ ନିଷ୍ପତ୍ତି ହୋଇଛି। ଶୁକ୍ରବାର ଏ ନେଇ ଜିଲାପାଳ ଓ ସିଡିଏମ୍‌ଓଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଛି।

ପ୍ରକାଶ ଯେ, ଅକ୍ଟୋବର ୧୬ ତାରିଖରେ ସରକାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଏବଂ ରାଜ୍ୟ ଏଡସ୍ ନିୟନ୍ତ୍ରଣ ସୋସାଇଟି ଅଧୀନରେ କାର୍ଯ୍ୟରତ ୧୦,୦୦୦ ରୁ ଊର୍ଦ୍ଧ୍ୱ ଠିକା କର୍ମଚାରୀଙ୍କୁ ବାଦ୍ ଦେଇ ଅନ୍ୟାନ୍ୟ ବିଭିନ୍ନ ବିଭାଗର ୫୭ ହଜାର ଠିକା କର୍ମଚାରୀମାନଙ୍କ ଚାକିରି ନିୟମିତ କରିଥିଲେ। ହେଲେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଏବଂ ରାଜ୍ୟ ଏଡସ୍ ନିୟନ୍ତ୍ରଣ ସୋସାଇଟି ଅଧୀନରେ କାର୍ଯ୍ୟରତ ଠିକା କର୍ମଚାରୀ ବଡ଼ ପଡିଗଲେ। ଏଣୁ ନଭେମ୍ବର ୧୧ ତାରିଖ ରାତି ସୁଦ୍ଧା ଚାକିରି ନିୟମିତ କରାଯିବା ସହ ଦାବି ପୂରଣ ନ ନେଲେ ଜରୁରୀ ବିଭାଗରେ କାର୍ଯ୍ୟରତ ଥିଲେ ମଧ ନିଜର ଇଚ୍ଛା ବିରୋଧରେ ଯାଇ ଆଶାର ଆଲୋକ ହଳଦିଆ ବ୍ୟାଜ୍ ପିନ୍ଧି ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି।


ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଠିକା କର୍ମଚାରୀମାନେ ଜିଲାପାଳ ଓ ସିଡିଏମ୍‌ଓଙ୍କୁ ଦାବିପତ୍ର ଦେବାକୁ ଆସିଛନ୍ତି।

# ନଳକୂପ, ଆକ୍ୱାଗାର୍ଡ ଅଚଳ: ପିଲାଙ୍କୁ ମିଳୁନି ପାନୀୟ ଜଳ

### ନୀଳମାଧବ ବିଦ୍ୟାପୀଠ

ଖଣ୍ଡପଡା୧୧।୧୧(ସ୍ୱ.ପ୍ର)

କଣ୍ଟିଲେ ନୀଳମାଧବ ବିଦ୍ୟାପୀଠକୁ ଇତିମଧ୍ୟରେ ରୂପାନ୍ତରୀକରଣ କରାଯାଇଛି। ୩ ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏଠାରେ ଅଧ୍ୟୟନ କରୁଥିବାବେଳେ ପିଲାମାନେ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ବିଦ୍ୟାପୀଠକୁ ନୟାଗଡ଼ ଡ଼ିଆରଡିଏ ପକ୍ଷରୁ ୬ ମାସ ପୂର୍ବରୁ ଏକ ଆକ୍ୱାଗାର୍ଡ ଯୋଗାଇ ଦିଆଯାଇଛି। ଏହି ଆକ୍ୱାଗାର୍ଡଟି ପ୍ରଥମରୁ ଅଚଳ ହୋଇପଡିଥିବା ଅଭିଯୋଗ ହେଉଛି। ପୂର୍ବରୁ ବିଦ୍ୟାଳୟ ପରିସରରେ ଏକ କୂପ ସହ ୩ଟି ନଳକୂପ ଥିଲା। ମାତ୍ର ଏଥି ମଧ୍ୟରୁ ୨ଟି ନଳକୂପ ଦୀର୍ଘବର୍ଷ ହେବ ନଷ୍ଟ ହୋଇଯାଇଥିବା ବେଳେ ଅନ୍ୟ ଏକ ନଳକୂପ ଗତ ବର୍ଷା ସମୟରେ ଦବି ଯାଇଥିବାରୁ ପାଣି ନେବା ସମ୍ଭବ ହେଉନାହିଁ। ବାରମ୍ବାର ଦାବି ସତ୍ତ୍ୱେ ବିଭାଗୀୟ କର୍ତ୍ତୃପକ୍ଷ ଧାନ ଦେଉ ନ ଥିବା ଅଭିଯୋଗ ହେଉଛି। ଅପରପକ୍ଷରେ ବିଦ୍ୟାଳୟ ପରିସରରେ ଏକ ବୋରୱେଲ ସ୍ଥାପିତ ହୋଇଥିଲେ ମଧ ତାହା ପାନୀୟ ଜଳ ସମସ୍ୟାର ଆବଶ୍ୟକତା ପୂରଣ କରିପାରୁନି। ଫଳରେ ମଧ୍ୟାହ୍ନ ଭୋଜନ ପରେ ପିଲାମାନେ ଭଲ ପାଣି ମୁନ୍ଦେ ପାଇ ପାରୁ ନ ଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ତେବେ ଏ ସମ୍ପର୍କରେ ପ୍ରଧାନ ଶିକ୍ଷକ ମନୋଜ କୁମାର ନାୟକଙ୍କ ସହ ଯୋଗାଯୋଗ କରିବାରେ ନଳକୂପ ଅଚଳ ଯୋଗୁ ବୋରୱେଲ ପାଣିରେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ ହେଉଥିଲା। ଡିଆରଡିଏ ପକ୍ଷରୁ ମିଳିଥିବା ଆକ୍ୱାଗାର୍ଡଟି ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇନାହିଁ। ବାରମ୍ବାର ଅଭିଯୋଗ ପରେ ବ୍ଲକ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ଶୁକ୍ରବାର ଆସି ଅଚଳ ଆକ୍ୱାଗାର୍ଡ ଦେଖି ଏ ଦିଗରେ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରଧାନ ଶିକ୍ଷକ ନାୟକ କହିଛନ୍ତି। ଏହାଛଡା ଦବି ଯାଇଥିବା ନଳକୂପକୁ ସ୍ଥାନୀୟ ସରପଞ୍ଚ ଶ୍ରୀୟାରାଣୀ ବେହେରା ଦେଖିବା ପରେ ଏହାକୁ ତୁରନ୍ତ ସଜାଡିବାକୁ ପଦକ୍ଷେପ ଗ୍ରହଣ କରୁଥିବା ସୂଚନା ଦେଇଛନ୍ତି।


ଦବିଯାଇଥିବା ନଳକୂପ।

# କାର୍ଯ୍ୟଦିବସରେ ଚୌକି ଖାଲି


**ଚୌକି ଖାଲି ପଡ଼ିଛି:** ପ୍ରଭାଗୀୟ ଶ୍ରମ ଆୟୁକ୍ତ।


ଜିଲା ଶ୍ରମ ଅଧିକାରୀ।

- ପ୍ରଭାଗୀୟ ଶ୍ରମ ଆୟୁକ୍ତ, ଜିଲା ଶ୍ରମ ଅଧିକାରୀ ଅନୁପସ୍ଥିତ
- ହଟୁନି ଶ୍ରମ କାର୍ଯ୍ୟାଳୟର ଅଚଳାବସ୍ଥା
- ପରିଚୟପତ୍ର ଆବେଦନ, ନବୀକରଣ କାର୍ଯ୍ୟ ମାନ୍ଦା
- ୧୫ ଦିନ ପରେ ବି ପ୍ରତିଶ୍ରୁତି ପୂରଣ ହେଲାନି
- ଆମରଣ ଅନଶନ କରି ପ୍ରତିବାଦ କରିବ ଶ୍ରମିକ ସଙ୍ଗଠନ

**ନୟାଗଡ଼ ଅଫିସ,୧୧।୧୧**

କାର୍ଯ୍ୟ ଦିବସରେ କାର୍ଯ୍ୟାଳୟକୁ ଅଧିକାରୀ ଅସୁନ ଥିବାରୁ ଚୌକି ଖାଲି ପଡୁଛି। ଏଭଳି ଦେଖିବାକୁ ମିଳିଛି ନୟାଗଡ଼ ଜିଲା ସଦର ମହକୁମାର ଖଣ୍ଡପଡ଼ା ରୋଡରେ ଥିବା ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟରେ। ଏହି କାର୍ଯ୍ୟାଳୟରେ ଅଚଳାବସ୍ଥା ହଟୁ ନ ଥିବାରୁ ଶ୍ରମିକ ଅଶାନ୍ତି ବଢ଼ି ଚାଲିଛି। ବାରମ୍ବାର ଆନ୍ଦୋଳନ ପରେ ବି କିଛି ପରିବର୍ତ୍ତନ ଆସୁନି। ଅନ୍ୟପକ୍ଷେ ପ୍ରଭାଗୀୟ ଶ୍ରମ ଆୟୁକ୍ତ ଓ ଜିଲା ଶ୍ରମ ଅଧିକାରୀ କାର୍ଯ୍ୟ ଦିବସରେ ଅନୁପସ୍ଥିତି ରହିବା ଘଟଣାକୁ ନେଇ ବିଭିନ୍ନ ଶ୍ରମିକ ସଙ୍ଗଠନ ଓ ଶ୍ରମିକମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ବୁଧବାର, ଗୁରୁବାର, ଶୁକ୍ରବାର ୩ଦିନ ଧରି କାର୍ଯ୍ୟ ଦିବସରେ ପ୍ରଭାଗୀୟ ଶ୍ରମ ଆୟୁକ୍ତ ଓ ଜିଲା ଶ୍ରମ ଅଧିକାରୀ କାର୍ଯ୍ୟାଳୟରେ ଅନୁପସ୍ଥିତ ରହିବା ପରେ ଶ୍ରମିକ ଅଶାନ୍ତି ଉଗ୍ର ରୂପ ନେବାକୁ ବସିଛି। ୨ ଅଧିକାରୀଙ୍କ ଅନୁପସ୍ଥିତିରେ କାର୍ଯ୍ୟାଳୟରେ କର୍ମଚାରୀ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଛି। କେଉଁ କର୍ମଚାରୀ କେତେବେଳେ ଆସୁଛନ୍ତି ଓ ଯାଉଛନ୍ତି ସେନେଇ ତାଗିଦ୍ କରିବାକୁ କେହି ନାହାନ୍ତି। ଶ୍ରମିକଙ୍କ ପରିଚୟ ପତ୍ର ଓ ନବୀକରଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ୧୫ ଦିନ ଭିତରେ ବିବାହ ସହାୟତା ରାଶି ବଣ୍ଟନ କରାଯିବ ବୋଲି ପ୍ରଭାଗୀୟ ଶ୍ରମ ଆୟୁକ୍ତ ଓ ଜିଲା ଶ୍ରମ ଅଧିକାରୀ ଲିଖିତ ପ୍ରତିଶ୍ରୁତି ଦେଇଥିଲେ ହେଁ ତାହା ପୂରଣ ହୋଇପାରିନାହିଁ। ଗୁରୁବାର ଜଣେ ମହିଳା ଏକ କାର୍ଯ୍ୟରେ ଜିଲା ଶ୍ରମ ବିଭାଗକୁ ଆସିଥିଲେ। ନିଜର ଅଭିଯୋଗକୁ ପ୍ରଭାଗୀୟ ଶ୍ରମ ଆୟୁକ୍ତ ଓ ଜିଲା ଶ୍ରମ ଅଧିକାରୀଙ୍କୁ ଦେବା ପାଇଁ ଖୋଜି ଥିଲେ। ହେଲେ କାହାରିକୁ ଦେଖିବାକୁ ପାଇ ନ ଥିଲେ। ଶେଷରେ ବିରକ୍ତ ହୋଇ ଗାଳିଗୁଲଜ ଓ ଅଶ୍ଳୀଳ ଶବ୍ଦ କହି ଚାଲିଯାଇଥିଲେ। ଏହି ପରିପ୍ରେକ୍ଷୀରେ ଶ୍ରମ କାର୍ଯ୍ୟାଳୟରେ ଆମରଣ ଅନଶନ କରାଯାଇ ପ୍ରତିବାଦ କରାଯିବ ବୋଲ ଶ୍ରମିକ ସଙ୍ଗଠନ ପକ୍ଷରୁ ଘୋଷଣା କରାଯାଇଛି। ଏ ନେଇ ଦୁର୍ଗା ମାଧବ ସାହୁ ନାମକ ଜଣେ ଶ୍ରମିକ କହିଛନ୍ତି, ପ୍ରଭାଗୀୟ ଶ୍ରମ ଆୟୁକ୍ତ ମାସକୁ ୩ରୁ ୪ଦିନ ଆସୁଛନ୍ତି। ସେ କେଉଁଦିନ ଆସୁଛନ୍ତି ଜଣାପଡୁନି। ଏଣୁ ଏକ ଦୁର୍ଘଟଣା ଜନିତ ଘଟଣା ଉପରେ କିଛି କରାଯାଇ ପାରୁନାହିଁ ବୋଲି ସେ କହିଛନ୍ତି ।

ନୟାଗଡ଼ ଜିଲା କାର୍ଯ୍ୟରତ ନିର୍ମାଣ ଶ୍ରମିକ ମହାସଂଘ ସାଧାରଣ ସମ୍ପାଦକ ବାସୁଦେବ ମହାନ୍ତି କୁହନ୍ତି, ଅକ୍ଟୋବର ୨୭ରେ ଶ୍ରମିକଙ୍କ ଆନ୍ଦୋଳନ ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ସମ୍ମୁଖରେ ହୋଇଥିଲା। ଆନ୍ଦୋଳନକୁ ପ୍ରତ୍ୟାହାର ପାଇଁ ପ୍ରଭାଗୀୟ ଶ୍ରମ ଆୟୁକ୍ତ ଓ ଜିଲା ଶ୍ରମ ଅଧିକାରୀ ଶ୍ରମିକଙ୍କ ଦାବି ମାନି ନେଇଥିଲେ। ମୃତ୍ୟୁକାଳୀନ ସହାୟତା ରାଶି ୨ ଲକ୍ଷ ୧୦୯ ପରିବାରକୁ ଦେବାକୁ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ୩୦ ଦିନ ଭିତରେ ଏହା ଦେବାକୁ ବ୍ୟବସ୍ଥା ଚାଲିଛି ବୋଲି କହିଥିଲେ। ସେହିପରି ବିବାହ ସହାୟତା ୩୩୪ ଜଣଙ୍କର ୧୫ ଦିନ ଭିତରେ ଦିଆଯିବ। ଅବଶିଷ୍ଟ ୧୪୧୩ ଅଭିଯୋଗର ବିଚାର କରାଯାଇ ୩୦ ଦିନ ଭିତରେ ଦେବାକୁ କାର୍ଯ୍ୟ ଚାଲିଛି ବୋଲି ଦର୍ଶାଇଥିଲେ। ଅନ୍ୟ ଦାବି ପୂରଣ ପାଇଁ ଉଭୟ ଅଧିକାରୀ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଉଭୟ ଅଧିକାରୀ କାର୍ଯ୍ୟ ଦିବସରେ କାର୍ଯ୍ୟାଳୟକୁ ଆସୁନାହାନ୍ତି । ଶ୍ରମିକଙ୍କ ଦାବି ପୂରଣ କରିବେ କଣ । ଇତି ମଧ୍ୟରେ ୧୫ ଦିନ ବିତି ଯିବାକୁ ବସିଥିବାବେଳେ ବିବାହ ସହାୟତା ରାଶି ବଣ୍ଟନ ହୋଇ ପାରି ନଥିବାରୁ ଶ୍ରମିକ ସଂଘ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଛି। ବିଜୁ ଶ୍ରମିକ ସାମ୍ମୁଖ୍ୟ ରାଜ୍ୟ ସମ୍ପାଦକ ଶ୍ରୀକାନ୍ତ ପଟ୍ଟନାୟକ କୁହନ୍ତି, ଶ୍ରମ ବିଭାଗ ଏପରି ବିଶୃଙ୍ଖଳିତ ହୋଇ ରହିଛି ଏଠାରେ ଲଗାତାର ଭାବେ ଆନ୍ଦୋଳନ ହେଉଥିଲେ ମଧ୍ୟ କିଛି ପରିବର୍ତ୍ତନ ହେଉନି। ଶନିବାର ଓ ରବିବାର ଛୁଟିଥିବାବେଳେ ଶୁକ୍ରବାର କାର୍ଯ୍ୟ ଦିବସରେ ପ୍ରଭାଗୀୟ ଶ୍ରମ ଆୟୁକ୍ତ ଓ ଜିଲା ଶ୍ରମ ଅଧିକାରୀ ଅଫିସକୁ ଆସିନାହାନ୍ତି। ଏଣୁ ଦଲାଲ ଓ କେତେଜଣ କର୍ମଚାରୀ ଏହାର ଫାଇଦା ନେଉଛନ୍ତି। ଏଣୁ ଶ୍ରମ ବିଭାଗରେ ଚାଲିଥିବା ଅନିୟମିତତାର ଭିଜିଲାନ୍ସ ତଦନ୍ତ ହେବା ଦରକାର ବୋଲି ସେ କହିଛନ୍ତି। ପ୍ରଭାଗୀୟ ଶ୍ରମ ଆୟୁକ୍ତ ପ୍ରଦୀପ୍ତ ମହାନ୍ତିଙ୍କ ୯୪୩୭୩ ୫୪୦୧୮ ନମ୍ବରକୁ ବାରମ୍ବାର ଯୋଗାଯୋଗ କରାଯାଇଛି ହେଲେ ସେ ଫୋନ ଉଠାଉ ନ ଥିଲେ। ଅନେକ ସମୟରେ ଫୋନ ସୁଇଚ ଅପ ବୋଲି କହୁଛି। ଅନ୍ୟପକ୍ଷେ ଜିଲା ଶ୍ରମ ଅଧିକାରୀ ଶିବ ନାରାୟଣ ସାହୁଙ୍କୁ ପଚାରିବାରେ ବୁଧବାର ଓ ଗୁରୁବାର ଜିଲାପାଳଙ୍କୁ ଅବଗତ କରାଇ ଛୁଟିରେ ଥିଲି। ଶୁକ୍ରବାର ଅଫିସକୁ ଆସି କ୍ଷେତ୍ର ପରିଦର୍ଶନରେ ଯାଇଥିଲି। ଅଳ୍ପ ଦିନ ହେଲା କାର୍ଯ୍ୟରେ ଯୋଗ ଦେଇଛି। ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ ନିର୍ଦ୍ଦେଶରେ ଯାହା ପ୍ରତିଶ୍ରୁତି ଦେଇଛୁ ତାହା ପୂରଣ କରିବାକୁ ଚେଷ୍ଟା ଜାରି ରଖିଛୁ। ବିବାହ ସହାୟତା ୬୭, ମୃତ୍ୟୁକାଳୀନ ସହାୟତା ୧୦୯, ପ୍ରସୂତିକାଳୀନ ସହାୟତା ୧୬ଟି କାର୍ଯ୍ୟ ତଦନ୍ତ ପ୍ରକ୍ରିୟାରେ ଅଛି। ଖୁବ୍‌ଶୀଘ୍ର ଯୋଗ୍ୟ ହିତାଧିକାରୀ ସହାୟତା ପାଇବେ। ଶ୍ରମ କାର୍ଯ୍ୟାଳୟକୁ ସହଯୋଗ କରନ୍ତୁ ଓ ଆମ ସହ ଆଲୋଚନା କରନ୍ତୁ। ଆନ୍ଦୋଳନ କରି ସମୟ ନଷ୍ଟ କରା ନ ଯାଉ ବୋଲି ଶ୍ରମିକ ଓ ଶ୍ରମିକ ନେତାଙ୍କୁ ସେ ଅନୁରୋଧ କରିଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଅଭିଜିତ୍


@ ଆଲୋକ


@ ଅନିରୁଦ୍ଧ


@ ବିନୟ


@ ଲିପନ୍

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନାବାଳିକାଙ୍କୁ କମେଣ୍ଟମରାକୁ ମା’ ବାପାଙ୍କ ବିରୋଧ

## ଯୁବକମାନଙ୍କ ମାଡରେ ଝିଅ, ମା’ବାପା ଆହତ ମାମଲା

**ଓଡ଼ଗାଁ, ୧୧।୧୧(ସ୍ୱ.ପ୍ର.):** ନୟାଗଡ଼ ଜିଲା ଓଡ଼ଗାଁ ଆଦର୍ଶ ଥାନା ଅଞ୍ଚଳର ଏକ ଗାଁ ଦାଣ୍ଡରେ ଜଣେ ନାବାଳିକା ଦୁଆରେ ଝୋଟି ପକାଇବାବେଳେ କେତେଜଣ କମେଣ୍ଟ ମାରିବା ସହ ମାରପିଟ୍ କରିବା ଅଭିଯୋଗ ହୋଇଛି। ଜଣେ ନାବାଳିକା ବୁଧବାର ରାତି ପ୍ରାୟ ସାଢ଼େ ୮ଟାରେ ଦୁଆରେ ଝୋଟି ପକାଉଥିବା ବେଳେ ଗାଁର ଦୁଇଜଣ ଯୁବକ କମେଣ୍ଟ ମାରିବା ବେଳେ ଏହାକୁ ନାବାଳିକାଙ୍କ ମା’ ବିରୋଧ କରିଥିଲେ। ହେଲେ ଏଥିରେ ଉତ୍‌କ୍ଷିପ୍ତ ହୋଇ ଯୁବକ ଦ୍ୱୟ ନାବାଳିକାଙ୍କୁ ଟଣାଓଟରା କରିବା ସହିତ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଲୁଗା ଚିରି ଦେଇଥିଲେ। ନାବାଳିକାଙ୍କ ସମେତ ତାଙ୍କ ମା’ ବାପା ଙ୍କୁ ମଧ ମାରପିଟ କରିଥିଲେ। ଗ୍ରାମବାସୀ ପହଞ୍ଚି ଏହାକୁ ତୀବ୍ର ବିରୋଧ କରିବାରୁ ସେମାନେ ଘଟଣାସ୍ଥଳରୁ ଚାଲି ଯାଇଥିଲେ। ହେଲେ ଆହତ ହୋଇ ମା’, ବାପା ଓ ଝିଅ ଓଡ଼ଗାଁ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏ ନେଇ ପୀଡିତାଙ୍କ ମା’ ଗୁରୁବାର ଥାନାରେ ଅଭିଯୋଗ କରିଥିଲେ। ପରେ ପୋଲିସ ୩ ଜଣଙ୍କ ବିରୋଧରେ ନଂ. ୧୭୫/୨୨ରେ ମାମଲା ରୁଜୁ କରି ତଦନ୍ତ କରୁଥିବା ଆଇଆଇସି ପୂର୍ଣ୍ଣଚନ୍ଦ୍ର ପଟ୍ଟାୟତ ସୂଚନା ଦେଇଛନ୍ତି।

# ମା’ ମାଟି, ମାତୃଭାଷା, ମୋବାଇଲକୁ ଗ୍ରହଣ କରି ମଦ ବର୍ଜନ କର


ଓଡ଼ଗାଁରେ ବିଜେଡି ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରାରେ ସାମିଲ ହୋଇଥିବା ନେତା ଓ କର୍ମୀମାନେ।

## ଓଡ଼ଗାଁରେ ବିଜେଡିର ପଦଯାତ୍ରା

**ଓଡ଼ଗାଁ, ୧୧।୧୧(ସ୍ୱ.ପ୍ର.)**

ନୟାଗଡ଼ ଜିଲା ଓଡ଼ଗାଁରେ ଶୁକ୍ରବାର ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ କର୍ମୀମାନେ ସାମିଲ ହୋଇଥିବା ବେଳେ ସମସ୍ତେ ସ୍ଥାନୀୟ ରଘୁନାଥ ଜୀଉ ମନ୍ଦିର ପ୍ରାଙ୍ଗଣରୁ ବାହାରି ହାଇସ୍କୁଲ ଖେଳପଡିଆ ପର୍ଯ୍ୟନ୍ତ ଆସିଥିଲେ। ପଦଯାତ୍ରାରେ ବିଧାୟକ ଅରୁଣ କୁମାର ସାହୁଙ୍କ ନେତୃତ୍ୱରେ ବାହାରିଥିବା ବେଳେ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଖଣ୍ଡପଡା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ସମେତ ବହୁ ନିର୍ବାଚିତ ପ୍ରତିନିଧି ସାମିଲ ହୋଇଥିଲେ। ସେମାନେ ଲୋକଙ୍କୁ ରାଜ୍ୟ ସରକାରଙ୍କ ବିକାଶର ବାର୍ତ୍ତା ସମ୍ପର୍କରେ କହିଥିଲେ। ହେଲେ ହାଇସ୍କୁଲ ଖେଳ ପଡିଆରେ ଆୟୋଜିତ ଉଦ୍‌ବୋଧନ ସଭାରେ ବ୍ଲକ ଅଧ୍ୟକ୍ଷ ସାହୁ ଅଧ୍ୟକ୍ଷତା କରିଥିବା ବେଳେ ବିଧାୟକ ସାହୁ, ବିଧାୟକ ବେହେରା, ବିଧାୟକ ପଟ୍ଟନାୟକଙ୍କ ସମେତ ଜିଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ, ନୟାଗଡ଼ ପୌର ଅଧ୍ୟକ୍ଷା ନିରୁପମା ଖଟେଇ, ଜିଲା ପରିଷଦ ସଦସ୍ୟା ବିରଜାଲକ୍ଷ୍ମୀ ସାହୁ, ଝିଲି ପ୍ରଧାନ ଓ ଅନ୍ୟମାନେ ମଞ୍ଚାସୀନ ଥିଲେ। ସଭାରେ ଖଣ୍ଡପଡା ବିଧାୟକ ପଟ୍ଟନାୟକ ଉଦ୍‌ବୋଧନ ଦେବା ଅବସରରେ ୫-ଟିକୁ ଅବତାରଣା କରିବା ଯାଇ ମା’, ମାଟି, ମାତୃଭାଷା, ମୋବାଇଲକୁ ଗ୍ରହଣ କରିବାକୁ ପରାମର୍ଶ ଦେଇଥିବା ବେଳେ ମଦକୁ ସର୍ବାଗ୍ରେ ବର୍ଜନ କରିବାକୁ କହିଥିଲେ। ଅନ୍ୟପକ୍ଷେ ଉତ୍ତର ପ୍ରଦେଶ ଦଙ୍ଗା ଯୁକ୍ତ ରହିଥିବା ବେଳେ ତାଙ୍କର ୩୮ ବର୍ଷର ସାମ୍ପ୍ରଦିକତା ଭିତରେ ଗୋଟେ ଦିଟା ଦଙ୍ଗାକୁ ଛାଡିଲେ ଆମ ରାଜ୍ୟ ନବୀନ ବାବୁଙ୍କ ନେତୃତ୍ୱରେ ଦଙ୍ଗା ମୁକ୍ତ ରହିଥିବା କଥା କହିଥିଲେ। ସେହିପରି ସ୍ଥାନୀୟ ବିଧାୟକ ସାହୁ ମହିଳା ସଶକ୍ତି କରଣ ଦ୍ୱାରା ହିଁ ରାଜ୍ୟ ସ୍ୱାବଲମ୍ବୀ ହୋଇପାରିବା ସହିତ ରାଜ୍ୟ ଶକ୍ତିଶାଳୀ ହେଉଥିବା କଥା କହିଥିଲେ। ଅନ୍ୟପକ୍ଷେ ଶୋଭାଯାତ୍ରାରେ ନୟାଗଡ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଓଡ଼ଗାଁ ବ୍ଲକର ୧୮ ପଞ୍ଚାୟତ ଓ ଏନ୍‌ଏସିର ବିଜେଡି କର୍ମୀ ପଦଯାତ୍ରାରେ ସାମିଲ ହୋଇଥିବା କୁହାଯାଇଥିଲା। ପୁରୁଷଙ୍କ ତୁଳନାରେ ମହିଳାଙ୍କ ସଂଖ୍ୟା ବହୁ ମାତ୍ରାରେ ଅଧିକ ରହିଥିଲା।

# ଆର୍‌ସିଏମ୍‌ଏସ୍ ଉପସଭାନେତ୍ରୀ ହେଲେ ସରୋଜିନୀ



**ନୟାଗଡ ଅଫିସ,୧୧।୧୧**

ନୟାଗଡ ଜିଲା ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତି (ଆରସିଏମ୍‌ଏସ୍) ଉପସଭାପତି ଭାବେ ଦଶପଲ୍ଲାର ୮ନଂ. ଜୋନ ଡାଇରେକ୍ଟର ସରୋଜିନୀ ଦଳବେହେରା ଶୁକ୍ରବାର ନିର୍ବାଚିତ ହୋଇଛନ୍ତି। ଅନ୍ୟ କେହି ନାମାଙ୍କନ ପତ୍ର ଦାଖଲ ନ କରିବାରୁ ସେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି।

# ବିଭିନ୍ନ ଦାବିରେ ଅଖିଳ ଭାରତ ଗଣତାନ୍ତ୍ରିକ ସମିତିର ବ୍ଲକ ଘେରାଉ

**ଓଡ଼ଗାଁ, ୧୧।୧୧(ସ୍ୱ.ପ୍ର.)**

ସ୍ୱଚ୍ଛ ଭାରତ ଅନୁଦାନ ସହ ଅନ୍ୟ କେତେକ ମୌଳିକ ଦାବିରେ ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ଶରଣକୁଳ ଅଞ୍ଚଳର କେତେଜଣ ମହିଳା ଅଖିଳ ଭାରତ ଗଣତାନ୍ତ୍ରିକ ସମିତି ଜରିଆରେ ଶୁକ୍ରବାର ସ୍ଥାନୀୟ ବ୍ଲକ ଅଫିସ ଘେରାଉ କରିଥିଲେ। ହାତରେ ପ୍ଲାକ କାର୍ଡ ଓ ପତାକା ଧରି ସେମାନେ ରଘୁନାଥ ମନ୍ଦିରରୁ ବ୍ଲକ ଅଭିମୁଖେ ଆସିଥିଲେ। ପରେ ବ୍ଲକ ପରିସରରେ ଧାରଣା ଦେବା ସହ ନାରାବାଜୀ କରିଥିଲେ। ଏଥିରେ ସ୍ୱଚ୍ଛ ଭାରତ ଅନୁଦାନ ପ୍ରଦାନ, ଭୁମିହୀନଙ୍କୁ ଘର ଡିହ ପଟ୍ଟା ଯୋଗାଣ, ମାଇକ୍ରୋ ଫାଇନାନ୍ସ ଋଣ ଟଙ୍କାରେ ଚକ୍ରବୃଦ୍ଧି ଶୁଦ୍ଧ ବନ୍ଦ କରିବା, ପଞ୍ଚାୟତ ଜରିଆରେ ପୁନଃ ଭତ୍ତା ପ୍ରଦାନ କରିବା, ମୁଣ୍ଡ ପିଚ୍ଛା ୧୫ କେଜି ଚାଉଳ ଦେବା ତଥା ଆକାଶ ଛୁଆଁ ଦରବୃଦ୍ଧିକୁ ବନ୍ଦ କରିବା ଆଦି ସଂକ୍ରାନ୍ତୀୟ ଦାବି ରହିଥିଲା। ଏ ନେଇ ସେମାନେ ବିଡିଓ ସ୍ୱାତିଲେଖା ଦାସଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ବିଡିଓ ଦାସ ଏ ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରିବେ ବୋଲି ସୂଚନା ଦେଇଥିଲେ। ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ବ୍ଲକ ସମ୍ପାଦିକା ଦମୟନ୍ତୀ ସାହୁ ଓ ଜିଲା ସମ୍ପାଦିକ ଜ୍ୟୋତିପ୍ରଭା ଜେନା ଏହାର ନେତୃତ୍ୱ ନେଇଥିଲେ।


ଓଡ଼ଗାଁ ବ୍ଲକ କାର୍ଯ୍ୟାଳୟରେ ଦାବି ପୂରଣ ପାଇଁ ମହିଳା ଓ ଅନ୍ୟମାନେ ବସିରହିଛନ୍ତି।

# ଥାନାର ଦ୍ୱାରସ୍ଥ ହେଲେ ଆହତ ଡ୍ରାଇଭର

## ବନ କର୍ମଚାରୀଙ୍କ ମାଡ଼ରେ ଡ୍ରାଇଭର ଲହୁଲୁହାଣ ଘଟଣା

**ନୂଆଗାଁ, ୧୧।୧୧ (ଡି.ଏନ.ଏ.)**

ନୟାଗଡ଼ ବନଖଣ୍ଡ ମହିପୁର ବନ ବିଭାଗ କର୍ମଚାରୀଙ୍କ ମାଡରେ ଲହୁଲୁହାଣ ହୋଇଥିବା ଡ୍ରାଇଭର ଶୁକ୍ରବାର ଓଡ଼ଗାଁ ଥାନା ଅଧୀନ ବାହାଡାଝୋଲା ଫାଣ୍ଡିର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଛନ୍ତି। ମହିପୁର ବନ ବିଭାଗ କର୍ମଚାରୀଙ୍କ ମାଡରେ ଗୁରୁତର ଆହତ ହୋଇଥିବା ନୂଆଗାଁ ବ୍ଲକ ସିଙ୍ଗାରପଲି ପଞ୍ଚାୟତ ଶୁଣ୍ଢିଝୋଲା ଗାଁର କାର୍ ଡ୍ରାଇଭର ଅମୂଲ୍ୟ ବେହେରାଙ୍କ ଅଭିଯୋଗ ମୁତାବକ, ମଙ୍ଗଳବାର ରାତି ୧୨ଟାରେ ଭାଇଙ୍କୁ ଆଣିବାକୁ ମାରୁତି କାର ନେଇ ଜଣେ ସାଥୀଙ୍କ ସହ ରାଣୀଗାଡିଆ ଗ୍ରାମ ନିକଟକୁ ଯାଇଥିଲି। ସେଠାରୁ ଭାଇ ସୁଶାନ୍ତ ନିଜ ସ୍କୁଟିରେ ଆସୁଥିବା ବେଳେ ଅମୂଲ୍ୟ ମାରୁତି କାର ଯୋଗେ ଆସୁଥିଲେ। ଏହି ସମୟରେ ପେଟେଇଚଣ୍ଡୀ ଠାକୁରାଣୀଙ୍କ ନିକଟରେ ଗୋଟିଏ ବୋଲେରୋ ଗାଡିରେ ଥିବା କେତେଜଣ ଲୋକ ତାଙ୍କ ଗାଡିକୁ ଅଟକାଇ ଥିଲେ। ତେବେ ସେ ସ୍ଥାନ ସମ୍ପୂର୍ଣ୍ଣ ନିଛାଟିଆ ଏବଂ ପୂର୍ବରୁ ସେହି ସ୍ଥାନରେ ଅନେକ ଥର ଡକାୟତି ହୋଇଥିବା ଜାଣି ଅମୂଲ୍ୟ ଗାଡି ନ ରଖି ପଳାଇ ଆସିଥିଲେ। କିନ୍ତୁ ଅମୂଲ୍ୟ ଘର ନିକଟରେ ପହଞ୍ଚି ପରିସ୍ରା କରିବାକୁ ଯାଇଥିବା ସମୟରେ ଅଟକାଉ ଥିବା ବୋଲେରୋଟି ପିଛା କରି ଆସି ସେଠାରେ ପହଞ୍ଚି ଥିଲା। ଉକ୍ତ ଗାଡିରେ ଥିବା ବନ କର୍ମଚାରୀ ତାଙ୍କୁ କାବୁ କରି ଗ୍ରାମ ବାହାକୁ ନେଇ ନିଘୁକ ମାଡ ମାରିଥିଲେ। ଏଥିରେ ଗୁରୁତର ହୋଇ ଅମୂଲ୍ୟ ଘରେ ରହିଥିବା ବେଳେ ଶୁକ୍ରବାର ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ଘଟଣା ବାବଦରେ ମହିପୁର ଫରେଷ୍ଟ ଗାର୍ଡ ଶ୍ରଦ୍ଧାଞ୍ଜଳି ସାହୁଙ୍କୁ ପଚାରିବାରେ ଆମେ ବାଡେଇନୁ, ବାଡି ଫୋପାଡିବାରେ ତାଙ୍କ ଦେହରେ ବାଜି ପଡି ଯାଇଥିଲା ବୋଲି କହଥିଲେ। ଫରେଷ୍ଟର ସୂର୍ଯ୍ୟ ମହାରଣା କଥାକୁ ଫାଙ୍କିବାକୁ ଚେଷ୍ଟା କରି କିଛି ବନ୍ୟ ଜନ୍ତୁ ଶିକାର କରି ନେଉଥିବା ସନ୍ଦେହ ହେବାରୁ ଆମେ ପିଛା କରିଥିଲୁ। କିନ୍ତୁ ଗାଡି ଖାନ ତଲାସି କରିବାରେ କିଛି ପାଇ ନ ଥିବା କହିଛନ୍ତି। ଏ ସମ୍ପର୍କରେ ମହିପୁର ରେଞ୍ଜର ଅମ୍ରିତ କୁମାର ସାହୁଙ୍କୁ ପଚାରିବାରେ କର୍ମଚାରୀଙ୍କ ସପକ୍ଷରେ ଯୁକ୍ତି ବାଢ଼ିବା ସହ ଆମ ଟିମ୍ ଅଟକାଇବାରେ ଗାଡି ନ ରଖିବାରୁ ସେମାନେ ରାଗରେ ବାଡେଇ ଥାଇ ପାରନ୍ତି। ତେବେ ପରିବାର ଲୋକଙ୍କୁ ଭେଟି ବୁଝାଇବା ଓ ଆହତ ଅମୂଲ୍ୟଙ୍କୁ ଚିକିତ୍ସା ପାଇଁ ନେବାକୁ ଚେଷ୍ଟା କରୁଛି ବୋଲି ସେ କହିଥିଲେ ମଧ ତାହା କରି ନ ଥିବା କହିଛନ୍ତି ଆହତ ଡ୍ରାଇଭର। ଘଟଣା ବାବଦରେ ନୟାଗଡ଼ ଡିଏଫ୍‌ଓ କ୍ଷମା ଷଡଙ୍ଗୀଙ୍କୁ ଜଣାଇବାରେ ତଦନ୍ତ କରାଯିବା ସହ କାରଣ ଦର୍ଶାଇବା ପାଇଁ କୁହାଯିବ ବୋଲି ସେ କହିଛନ୍ତି।


ବନ କର୍ମଚାରୀଙ୍କ ମାଡରେ ଆହତ ଡ୍ରାଇଭର।

